

ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦିନ ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



## ସଂକ୍ଷେପରେ

### ମାରପିଟ ଅଭିଯୋଗରେ ଯୁବକ ଗିରଫ

କାଳିଆପାଣି, ୧୮।୯(ଡି.ଏନ୍.ଏ.): ସୁକିନ୍ଦା ବ୍ଲକ ଟିଙ୍ଗୁଡ଼ିପାଳ ପଞ୍ଚାୟତ ଅନ୍ତର୍ଗତ ବାଘୁଆସାହି ଗ୍ରାମର ସୁରେଶ ମହାନ୍ତ(୨୫)ଙ୍କୁ ଗ୍ରାମରେ ମାରପିଟ ଅଭିଯୋଗରେ କାଳିଆପାଣି ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। କିଛି ମାସ ତଳେ ସୁରେଶ ପୂର୍ବରୁ ଗ୍ରାମରେ ଜଣେ ରାଜମିସ୍ତ୍ରିଙ୍କୁ ମାଡ଼ମାରିବା ସହ ଗାଳିଗୁଲଜ କରି ଫେରାର ହୋଇଯାଇଥିଲେ। ହେଲେ ଏବେ ଗ୍ରାମକୁ ଫେରିଥିବାବେଳେ ମଦପିଇ ଗ୍ରାମରେ ମାରପିଟ ଉଦ୍ୟମ କରିବାରୁ ଗ୍ରାମବାସୀ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସୁରେଶଙ୍କୁ ଗିରଫ କରି ଏକ ମାମଲା (ନଂ ୭୦/୧୮) ରୁଜୁକରି କୋର୍ଟ ଚାଲାଣ କରିଛନ୍ତି।

### କଏଲ୍ ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ

କଳିଙ୍ଗନଗର, ୧୮।୯(ଡି.ଏନ୍.ଏ.): ଯାଜପୁର ରୋଡ ଡୁବୁରୀ ରାସ୍ତା ଦାନଗଦୀ ବଜାର ନିକଟସ୍ଥ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସମ୍ମୁଖରେ ମଙ୍ଗଳବାର ଏକ କଏଲ ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏନ୍‌ଏଲ୍-୦୧-ଏଏ-୩୧୮୩) ନମ୍ବର ବିଶିଷ୍ଟ ଟ୍ରେଲରଟି ଟାଟାଷ୍ଟିଲ କାରଖାନାରୁ ଷ୍ଟିଲ କଏଲ ବୋଝେଇ କରି ଭାଇଜାକ୍ ଯାଉଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଏକ ହମ୍ପ ଉପରେ ଗାଡିର ମଧ ଭାଗ ଅଚାନକ ଭାଙ୍ଗି ଯାଇଥିଲା। ଗାଡିଟି ରାସ୍ତାଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ଟ୍ରଫିକ୍ ସମସ୍ୟା ଦେଖାଦେଇଛି।

### ଫେରାର ଅଭିଯୁକ୍ତ ଗିରଫ, କୋର୍ଟ ଚାଲାଣ

କାଳିଆପାଣି, ୧୮।୯(ଡି.ଏନ୍.ଏ.): କାଳିଆପାଣି ପୋଲିସ ୨୦୧୪ରୁ ଫେରାରଥିବା ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ କାଟେପୂର୍ତ୍ତିନଗର ମଲ୍ଲାର ସାହିର ପବନା ମହାନ୍ତ(୨୬)। ପବନାଙ୍କ ନାମରେ କାଳିଆପାଣି ଥାନାରେ କେସ୍ ଜିଆର (ନଂ ୩୧୫/୧୪)ରେ ଏକ ମାମଲା ପୂର୍ବରୁ ରହିଥିଲା। ଏହି ମାମଲାରେ ପବନା ଦୀର୍ଘଦୀନ ହେବ ଫେରାର ଥିବାରୁ ତାଙ୍କ ନାମରେ ୱାରେଣ୍ଟ ରୁଜୁ ହୋଇଥିଲା। ସୋମବାର ରାତିରେ ପୋଲିସ କୌଣସି ସୂତ୍ରରୁ ଖବର ପାଇ ପବନା ଘରେ ରହିଥିବା ଜାଣି ତାଙ୍କୁ ଗିରଫ କରିଥିଲା।

■ ଇଡ୍‌କଲ ଫେରୋକ୍ରୋମ କାରଖାନା

# ମେଶିନ ମରାମତିରେ ନାଁରେ ଦୁର୍ନୀତି

■ ଜାଲ ପ୍ରମାଣପତ୍ରର କାର୍ଯ୍ୟାନୁଷ୍ଠାନ ଆରମ୍ଭ

■ ସିଏମ୍‌ଡିଙ୍କ ହସ୍ତକ୍ଷେପ ଲୋଡ଼ିଲେ ଶ୍ରମିକ ନେତା

ଯାଜପୁର ଅଫିସ,୧୮।୯

ରାଜ୍ୟ ଶିଳ୍ପ ଉନ୍ନୟନ ନିଗମ ପରିଚାଳିତ ଯାଜପୁରରୋଡ ଫେରୋକ୍ରୋମ କାରଖାନାରେ ଜାଲ ପ୍ରମାଣପତ୍ର ବଳରେ ଚାକିରି କରୁଥିବା ଅଭିଯୋଗ ହେବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। କାରଖାନାର ସିଏମ୍‌ଡି ତଥା ଅତିରିକ୍ତ ଶାସନସଚିବ ସୁରେଶ ଚନ୍ଦ୍ର ମହାପାତ୍ର ୫ଜଣ କର୍ମଚାରୀଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେନେଇ ନୋଟିସ ଦେଇଥିବା ସୂଚନା ମିଳିଛି। ଏହି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। କାରଖାନାରେ ହେଉଥିବା ବ୍ୟାପକ ଦୁର୍ନୀତିକୁ ରୋକ ଲଗାଇବାକୁ ଉଦ୍ୟମ କରାଯାଉଥିବାବେଳେ ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡ଼ି ଖୋଲିବାରେ ଲାଗିଛି। କାରଖାନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମେଶିନ ମରାମତିରେ ଅବ୍ୟବସ୍ଥା, ପ୍ରିୟାପ୍ରୀତି ତୋଷଣ ଯୋଗୁ କାରଖାନା ଦେବାଳିଆ ସ୍ଥିତିକୁ ଆସୁଥିବା ମତପ୍ରକାଶ ପାଇଛି।

କାରଖାନାର ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥାନ ଓ ପ୍ରସ୍ଥାନ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଏଯାଏ ଲାଗୁ ହୋଇ ପାରିନାହିଁ । ବଡ଼ବିଲର ରୋଇଡ଼ା-ସି ଖଣିରେ ଗତ ଜୁଲାଇ ୨୩ ତାରିଖରେ ୨ଟି ବାଇଓମେଟ୍ରିକ୍ ମେଶିନ ଲାଗିଥିବାବେଳେ ଏଠାରେ ବ୍ୟବସ୍ଥିତ ହୋଇପାରି ନାହିଁ। ଏହାଛଡ଼ା କାରଖାନାର ମେନ୍‌ଗେଟ୍ ଆଦି ଭଳି ବହୁ ସମ୍ବେଦନଶୀଳ ଜାଗାରେ ସିସି ଟିଭି କ୍ୟାମେରା ଲାଗିନାହିଁ। ଅନ୍ୟପକ୍ଷେ କାରଖାନାର ପ୍ରଡକ୍ସନ ବିଭାଗର ମୁଖ୍ୟ ଅଶୋକ ସାହୁଙ୍କ ଠିଠାରେ ମେକାନିକାଲ ବିଭାଗ ବିନା ଟେଣ୍ଡରରେ ଅନେକ ମରାମତି ସମ୍ବନ୍ଧୀୟ କାର୍ଯ୍ୟ ମାନସ ଇଞ୍ଜିନିୟରିଂ ନାମକ ଏକ ସଂସ୍ଥାକୁ ଦେଇ ଆସୁଛନ୍ତି। କେବଳ ଲାଡେଲ ଓ ମୋଲଡ ମରାମତିରେ ମାସିକ ୧.୫ ଲକ୍ଷରୁ ୨ ଲକ୍ଷ ଟଙ୍କା ଏଥିରେ ବାଟମାରଣା ହେଉଥିବା ଅଭିଯୋଗ ଉଠିଛି। କାରଖାନାରୁ ଉତ୍ପାଦ ତରଳ ସ୍ଲାଗ ପ୍ରଥମେ ଲାଡେଲରେ ପଡ଼େ। ତେଣୁ ସମୟକ୍ରମେ କୁଅ ଆକୃତିର ଲାଡେଲରେ ଖଞ୍ଜା ଯାଇଥିବା ଅଗ୍ନି ନିରୋଧକ ଇଟା ଓ ଲୁହା ପ୍ଲେଟ ଖାଇ ଯାଇଥାଏ। ମଝିରେ ମଝିରେ ଏହାର ମରାମତିର ଆବଶ୍ୟକତା ରହିଥାଏ। ଏହି କାମକୁ କାରଖାନାର ମେକାନିକାଲ ବିଭାଗର କର୍ମଚାରୀମାନେ କରିଆସୁଥିଲେ। ମାତ୍ର ଗତ କିଛି ବର୍ଷ ହେଲା ଏହି କାମକୁ ଠିକାଦାରଙ୍କୁ ଦିଆଯାଇ ବ୍ୟାପକ ଅର୍ଥ ତୋଷାରପାତ କରାଯାଉଛି। ଉତ୍ତପ୍ତ ତରଳ ମାଲ ବିରାଟକାୟ ଲୁହା କଡ଼େଇ ମୋଲଡରେ ରହିଥାଏ। ଏହାକୁ ଭଲ ଭାବେ ସଫା ନ କରିବା ଦ୍ୱାରା ଶୀଘ୍ର ଖାଇଯାଏ, ଫାଟିଯାଏ କିମ୍ବା ଭାଙ୍ଗି ଯାଇଥାଏ। ଏହି ମୋଲଡର ଇରେକ୍ସନ ଜରିଆରେ ମରାମତି କରାଯାଇଥାଏ। ଗୋଟିଏ ଗୋଟିଏ ମରାମତି କାମକୁ ୩-୪ଥର ହୋଇଥିବା ଦେଖାଇ ମିଥ୍ୟା ବିଲ୍ କରି ଲକ୍ଷାଧିକ ଟଙ୍କା ହଡ଼ପ କରାଯାଉଛି। ଗୋଠିଏ ଗୋଟିଏ ମୋଲଡ଼ର ଦାମ୍ ୭ ରୁ ୮ ଲକ୍ଷ ଟଙ୍କା ହୋଇଥିବାରୁ ବର୍ଷରେ ପ୍ରାୟ ଏ ବାବଦରେ ୧ କୋଟି ୪୦ଲକ୍ଷ ଖର୍ଚ୍ଚ ହୋଇଥାଏ। ଏହି ବାବଦରେ ପୂର୍ବରୁ ବହୁ ଅନିୟମିତତା କରି କୋଟି କୋଟି ଟଙ୍କା ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। ଏହାଛଡ଼ା ଲାଡ଼େଲ ଟ୍ରଲି ଲାଇନ ମରାମତି କାମରେ ବହୁ ଦୁର୍ନୀତି ହେଉଥିବା ଜଣାଯାଇଛି। ତରଳ ମାଲ ପଡ଼ି ଟ୍ରଲି ଲାଇନ ବାରମ୍ବାର ନଷ୍ଟ ହୋଇଥାଏ। ସେଠାରେ ଯଦି ବୋଲଟିଂ ବ୍ୟବସ୍ଥା ଉପଯୁକ୍ତ ଭାବେ କରାଯାଉଥାନ୍ତା, ତାହାହେଲେ ମାଲ ପଡ଼ି ଲାଇନ ବାରବାର କ୍ଷତିଗ୍ରସ୍ତ ହେଉ ନ ଥାନ୍ତା କି ମରାମତିର ଆବଶ୍ୟକତା ହେଉ ନ ଥାନ୍ତା ବୋଲି ଶ୍ରମିକ ମହଲରେ ମତପ୍ରକାଶ ପାଇଛି। ମାତ୍ର ଏହାକୁ ଜାଣିଶୁଣି କରାଯାଉନି ବୋଲି ସିଏମ୍‌ଡି ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କାରଖାନାର ସିଭିଲ ବିଭାଗ ମଧ ଏହା ଉପରେ ଦୀର୍ଘ ଦିନ ଧର ଚୁପ ରହି ଉପରୋକ୍ତ ୨ ବିଭାଗ ସହ ଦୁର୍ନୀତିରେ ସହଭାଗିତା ସାଜିଛି। ବିନା ଟେଣ୍ଡର ଓ ବିନା ଖବର କାଗଜ ବିଜ୍ଞାପନରେ କିପରି ଠିକାସଂସ୍ଥାକୁ କାମ ଦିଆଯାଇଥିଲା ତାହା ସନ୍ଦେହ ଘେରରେ ରହିଛି। ମରାମତିରେ ଅବ୍ୟବସ୍ଥା ଯୋଗୁ ଏବେ ମୋଲଡ ଖରାପ ହେବା ସହ କାରଖାନାର ଗୋଟିଏ କ୍ରେନ୍ ମଧ ଖରାପ ହୋଇଯାଇଥିବା କୁହାଯାଉଛି। ଗୋଟିଏ କ୍ରେନ୍‌ର ଦାମ ୧କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏ ସଂକ୍ରାନ୍ତରେ କାରଖାନାର ଏମଡି ବୀରକିଶୋର ସାହୁଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ କୌଣସି ମତାମତ ମିଳିପାରି ନାହିଁ।

### ଭାଜପା ୩୪ନଂ ଜୋନ୍ ପକ୍ଷରୁ କାର୍ଯ୍ୟକର୍ତ୍ତା ବୈଠକ

ରସୁଲପୁର,୧୮।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀସ୍ଥିତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱସ୍ଥ ମା' ଦୁର୍ଗାଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ୩୪ନଂ ମଣ୍ଡଳ ଭାଜପା ପକ୍ଷରୁ ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାପରିଷଦ ସଭ୍ୟ ତଥା ମଣ୍ଡଳ ସଭାପତି ରଶ୍ମୀରଞ୍ଜନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଆସନ୍ତା ସାଧାରଣ ନିର୍ବାଚନରେ କର୍ମକର୍ତ୍ତାଙ୍କୁ ସକ୍ରୀୟ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଧର୍ମଶାଳା ନିର୍ବାଚନ ମଣ୍ଡଳି ପ୍ରଭାରୀ ଶଶିଭୂଷଣ ସାହୁ, ସମ୍ମାନିତ ଅତିଥି ୩୪ନଂ ଜୋନ ପ୍ରଭାରୀ ରଘୁନାଥ ବେହେରା ପ୍ରମୁଖ ଯୋଗଦେଇ ଧର୍ମଶାଳା ନିର୍ବାଚନ ମଣ୍ଡଳିରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୯ଗୋଟି ପଞ୍ଚାୟତ ପ୍ରମୁଖଙ୍କୁ ନିର୍ବାଚନୀ ପ୍ରସ୍ତୁତି ପାଇଁ ବିଭିନ୍ନ ରଣନୀତି ସମ୍ପର୍କରେ ବୁଝାଇଥିଲେ । ଏଥିରେ ଦଳୀୟ କର୍ମକର୍ତ୍ତା ଦିଲୀପ ରଥ, ପ୍ରମୋଦ କୁମାର ନାୟକ, କାମଦେବ ରାଉତ, ଦେବବ୍ରତ ସାହୁ, ଭରତ ବେହେରା, ଅକ୍ଷୟ ପଣ୍ଡା ବ୍ରଜ କିଶୋର ସାମଲ, ଶ୍ରୀଧର ସାହୁ, ନାରାୟଣ ସ୍ୱାଇଁ, ମହିଳାମୋର୍ଚ୍ଚା ସଭାପତି ଜୟନ୍ତି ସ୍ୱାଇଁ, ସସ୍ମିତା ନାୟକ, ସଭାପତି ଦେବୀପ୍ରସାଦ ସାମଲ, ନୀଳମଣି ନାୟକ, ଦୈତାରୀ ବୋଇତାଇ, ଅଶୋକ ଦାସ, ରବୀନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ବାଇକ୍ ଶୋଭାଯାତ୍ରାରେ ବାହାରିଲା ଶିକ୍ଷକ ମିଳିତ ମଞ୍ଚ

ବିଞ୍ଝାରପୁର,୧୮।୯(ଡି.ଏନ୍.ଏ.)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ବିଞ୍ଝାରପୁର ଶାଖା ପକ୍ଷରୁ ୭ଦଫା ଦାବି ନେଇ ବିଞ୍ଝାରପୁର ବ୍ଲକର ବିଭିନ୍ନ ଗାଁ ବୁଲି ଅଭିନବ ଢଙ୍ଗରେ ପ୍ରତିବାଦ କରାଯାଇଛି। ସମାନ କାର୍ଯ୍ୟକୁ ସମାନ ଦରମା, ପୂର୍ଣ୍ଣ ଅନୁଦାନ, ଚାକିରୀ ସର୍ତ୍ତାବଳୀ, ବ୍ଲକଗ୍ରାଣ୍ଟ ବିଦ୍ୟାଳୟକୁ କମ୍ପ୍ୟୁଟର ଯୋଗାଇବା, ଅବସରକାଳୀନ ସୁବିଧା ସହିତ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଆଦି ୭ଦଫା ଦାବି ନେଇ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ବିଞ୍ଝାରପୁର ଶାଖାପକ୍ଷରୁ ଏକ ବାଇକ ଶୋଭାଯାତ୍ରା ଅଳକୁଣ୍ଡ ଉଚ୍ଚ ବିଦ୍ୟାଳୟ ପରିସରରୁ ବାହାରି ପ୍ରୀତିପୁର, ବିତନା, ଉତ୍ତଙ୍ଗରା, ଚିକଣା, ଅରେଇ ଗ୍ରାମ ପଞ୍ଚାୟତ ଆଦି ପରିକ୍ରମା କରି ମଇଁଦାଠାରେ ଶେଷ ହୋଇଥିଲା।




ଶୋଭାଯାତ୍ରାରେ ବାହାରିଥିବା ମିଳିତ ମଞ୍ଚର ସଦସ୍ୟ।

ଏହି ଅବସରରେ ବିଭିନ୍ନ ଛକଗୁଡ଼ିକରେ ସରକାରଙ୍କ ଉଦାସୀନତା ସମ୍ପର୍କରେ ଜନସାଧାରଣଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାର ଓଡିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ଦାବୀ ସମ୍ପର୍କରେ ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଓଡିଶା ସ୍କୁଲ କଲେଜ ଶିକ୍ଷକ ମିଳିତ ମଞ୍ଚ ବିଞ୍ଝାରପୁର ଶାଖାର ସଭାପତି ତଥା ଆବାହକ ମୀନକେତନ ପୁହାଣ ସୂଚନା ଦେଇଛନ୍ତି। ଏହି ପ୍ରତିବାଦ ଶୋଭାଯାତ୍ରା ଶିକ୍ଷକ ନେତା ସୁବାସ ଚନ୍ଦ୍ର ପ୍ରଧାନ, ଆର୍ଯ୍ୟନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ବରିଷ୍ଠ ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ଥାଟୋଇ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ଶିକ୍ଷାନୀତିକୁ କଡ଼ା ସମାଲୋଚନା କରିଥିଲେ। ଏହି ବାଇକ ଶୋଭାଯାତ୍ରାରେ ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍କୁଲ ଓ କଲେଜରୁ ରତ୍ନାକର ସାହୁ, ସନ୍ତୋଷ କୁମାର ମିଶ୍ର, ପ୍ରତାପ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ସାମଲ, ଶ୍ରୀଧର ନାଥ, ଦେବାନନ୍ଦ ଧଳ, ଅମୀୟ ସେଠୀ, ଶୈଳେନ୍ଦ୍ର ନାରାୟଣ ରାଉତ, ବିଜୟ କୁମାର ବେହେରା, ବିଜୟାନନ୍ଦ ଦାସ, ଅବଦୁଲ ବସର, ରବୀନ୍ଦ୍ର କୁମାର ରାଉତ, ମିହିର ରାଉତ, ଶରତ ଚନ୍ଦ୍ର ସାହୁ, ବୈରାଗୀ ଚରଣ ଶତପଥୀ ପ୍ରମୁଖଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ, ଅଧାପିକାଅଧାପକ ସାମିଲ ରହିଥିଲେ।

### ବାଲିସାହି ଛକରେ ବସଷ୍ଟାଣ୍ଡ, ବିଶ୍ରାମାଗାର ଦାବି

ଜେନାପୁର,୧୮।୯(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ନଂ ଜାତୀୟ ରାଜପଥ ନିକଟସ୍ଥ ବାଲିସାହି ଛକ ଏକ ବ୍ୟବସାୟ ପେଣ୍ଠସ୍ଥଳି ହୋଇଥିବାରୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ବହୁ ବ୍ୟବସାୟଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ଏହି ଛକଠାରେ ରୁଣ୍ଡ ହୋଇଥାନ୍ତି। କିନ୍ତୁ ସ୍ଥାନୀୟ ନେତା ଓ ପ୍ରଶାସନିକ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ବାଲିସାହି ଛକ ମୁଖ୍ୟ ବଜାରରେ ଯାତ୍ରୀ ବିଶ୍ରାମାଗାର, ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ୫୩ ନଂ ଜାତୀୟ ରାଜପଥ ଉପରେ ବସ୍‌କୁ ଅପେକ୍ଷା କରିବା ଫଳରେ ବେଳେ ବେଳେ ଯାତ୍ରୀମାନେ ଦୁର୍ଘଟଣାର ଶିକାର ମଧ ହେଉଛନ୍ତି। ବର୍ଷାହେଲେ ଯାତ୍ରୀମାନଙ୍କୁ ଦୋକାନ ବାରଣ୍ଡାରେ ଆଶ୍ରୟ ନେବାକୁ ପଡୁଛି। ଏଠାରେ ସ୍କୁଲ୍, କଲେଜ, ବ୍ୟାଙ୍କ ଓ ସରକାରୀ, ବେସରକାରୀ କାର୍ଯ୍ୟାଳୟ ରହିଛି ଏବଂ ଦୈନନ୍ଦିନ ଏହି ଛକରୁ ଚଣ୍ଡିଖୋଲ, କଟକ, ଭୁବନେଶ୍ୱର, ଯାଜପୁର, ବାଲେଶ୍ୱର ପ୍ରଭୃତି ସ୍ଥାନକୁ ଶହ ଶହ ଯାତ୍ରୀ ଓ ବ୍ୟବସାୟୀ ଯାତାୟାତ କରିଥାନ୍ତି । ଏଠାରେ ଯାତ୍ରୀମାନଙ୍କ ଏକ ବିଶ୍ରାମଗାର ଓ ବସ୍‌ଷ୍ଟାଣ୍ଡ ନ ଥିବାରୁ ବହୁ ହଇରାଣ ହେବାକୁ ପଡ଼ିଥାଏ ବୋଲି କେତେକ ଯାତ୍ରୀ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ବାଲିସାହି ଛକଠାରେ ବସ୍‌ଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମଗାର, ଓ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ

ଧର୍ମଶାଳା, ୧୮।୯(ଡି.ଏନ୍.ଏ.)

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଜାରକା ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଆ ଭାଗବତର ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଫେସର ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରି ଭାଗବତ ଓଡ଼ିଆ ଜାତିର ପ୍ରାଣ ଓ ଏହା ଭାଗବତ ଟୁଙ୍ଗିରେ ପୂଜା ପାଇ ଆସୁଛି ବୋଲି କହିଥିଲେ । ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ବଟକୃଷ୍ଣ ଓଝା, ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇଥିଲେ । ଆଲୋଚକ ଭାବେ ଉପେନ୍ଦ୍ର ସାରଦା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ସାହୁ, ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ଇନ୍ଦୁପ୍ରଭା ସାମଲ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପକ ସଞ୍ଜୀୟ କୁମାର ରାୟ, ଶ୍ରୀ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ଉପସଭାପତି ସୁନାକର ସାହୁ ସ୍ୱାଗତ ଭାଷଣ, ବିଜୟ କୁମାର ନାୟକ ବିବରଣୀ ପାଠ ଓ ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକାଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ୟୁନିଟ୍

ବିରଜାକ୍ଷେତ୍ର, ୧୮।୯(ଡି.ଏନ୍.ଏ)

**ବାଲ୍ୟ ବିବାହ ଯୋଜନା ପଣ୍ଡ**

ଯାଜପୁର ଜିଲା ଦଶରଥପୁର ବ୍ଲକ ଅଞ୍ଚଳରେ ଏକ ନାବାଳିକା ବିବାହ ଯୋଜନାକୁ ଜିଲା ଶିଶୁ ସୁରକ୍ଷା ୟୁନିଟ ପଣ୍ଡ କରିଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଶିଶୁ ସୁରକ୍ଷା ୟୁନିଟର ସଦସ୍ୟମାନେ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛନ୍ତି। ପରେ ଉଦ୍ଧାର ନାବାଳିକାଙ୍କୁ ଲଳିତେଶ୍ୱର ନଗରସ୍ଥିତ ଜୟନ୍ତୀ ପାଠାଗାରରେ ରଖାଯାଇଛି। ବୁଧବାର ନାବାଳିକାଙ୍କ ଡାକ୍ତରୀମାଇନା କରାଯିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଦଶରଥପୁର ବ୍ଲକ ପାଳଗାଁ ଗ୍ରାମର ଜନୈକ ୧୯ବର୍ଷର ଜଣେ ଯୁବକ ଭଦ୍ରକ ଜିଲା ନୂଆଗାଁ ଅଞ୍ଚଳର ଜନୈକା ୧୬ବର୍ଷୀୟା ନାବାଳିକାଙ୍କୁ ଭଲ ପାଉଥିଲେ। ନାବାଳିକା ଜଣକ ଯୁକ୍ତ ୨ପ୍ରଥମ ବର୍ଷର ଛାତ୍ରୀ। ପରିବାରର ଅଜ୍ଞାତରେ ଉଭୟେ ଗତ ଜୁଲାଇ ୧୪ତାରିଖରେ ଭଦ୍ରକସ୍ଥିତ ଏକ ହନୁମାନ ମନ୍ଦିରରେ ବିବାହ କରିଥିଲେ। ପରେ ଅଗଷ୍ଟ ୭ତାରିଖରେ ଉକ୍ତ ନାବାଳିକାଙ୍କୁ ସାଙ୍ଗରେ ନେଇ ଆସି ଯୁବକ ଜଣକ ମାମୁଁ ଘରେ ରଖିଥିଲେ। ଏହା ଯୁବକଙ୍କ ବାପା ଜାଣି ପ୍ରଥମେ ବିରୋଧ କରିଥିଲେ। ମାତ୍ର ପୁଅର ଜିଦ୍ ଯୋଗୁ ନାବାଳିକା ଜଣଙ୍କୁ ନିଜ ଘରକୁ ନେଇ ଉଭୟଙ୍କ ବିବାହ ପାଇଁ ଯୋଜନା କରୁଥିଲେ। ଏହା ଜାଣି ଗତ ସୋମବାର ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜଣାଇଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା ୟୁନିଟର ସଦସ୍ୟ ତପନ ପଣ୍ଡା, ମିହିର ଜେନା, କଟିକେଟା ପଞ୍ଚାୟତ ଅଙ୍ଗନୱାଡ଼ି ସୁପରଭାଇଜର ପ୍ରଣତୀ ଶତପଥି, ମଙ୍ଗଳପୁର ପଞ୍ଚାୟତ ଅଙ୍ଗନୱାଡ଼ି ସୁପରଭାଇଜର ଶୁଭଶ୍ରୀ ସାମଲ, ରାମବାଗ ଫାଣ୍ଡି ଅଧିକାରୀ ଲାଲ୍‌ମୋହନ ସାହୁ ପ୍ରମୁଖ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ

ଯାଜପୁରରୋଡ଼,୧୮।୯(ନି.ପ୍ର.)

କୋରେଇ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ମୁଣ୍ଡମାଳସ୍ଥିତ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ମଙ୍ଗଳବାର ପାଳନ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଫଟୋ ରଖି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ତାଙ୍କର ଦୀର୍ଘ ଜୀବନ କାମନା କରାଯାଇଥିଲା। ସେହିପରି ପୂର୍ବତନ ବିଧାୟିକା ଶ୍ରୀମତୀ ମହାନ୍ତିଙ୍କ ଜନ୍ମ ଦିବସ ଉପଲକ୍ଷେ କେକ୍ କାଟି ତାଙ୍କର ମଧ ଦୀର୍ଘ ଜୀବନ କାମନା କରାଯାଇଥିଲା।

# ଦିବ୍ୟାଙ୍ଗଙ୍କ ପାଇଁ ର୍‍ୟାମ୍ପ ବାଧ୍ୟତାମୂଳକ

■ ନଭେମ୍ବର ୧୫ ତାରିଖ ସୁଦ୍ଧା ନ ହେଲେ କାର୍ଯ୍ୟାନୁଷ୍ଠାନ

ଯାଜପୁର ଅଫିସ,୧୮।୯

ସମସ୍ତ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ର୍‍ୟାମ୍ପ ହେବା ବାଧ୍ୟତାମୂଳକ ବୋଲି ସରକାର ଆଇନ ପ୍ରଣୟନ କରିଛନ୍ତି। ଆସନ୍ତା ନଭେମ୍ବର ୧୫ତାରିଖ ସୁଦ୍ଧା ସବୁଠାରେ ର୍‍ୟାମ୍ପ ହୋଇଥିବା ଜରୁରୀ। ଏହି ତାରିଖ ପରେ ଜିଲାସ୍ତରରେ ଗଠିତ କମିଟି ଏହାର ଅନୁଧ୍ୟାନ କରି ଯଦି ର୍‍ୟାମ୍ପ ନ ହୋଇଥାଏ ସେ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କଡ଼ା ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗଙ୍କ ନିମନ୍ତେ ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ମତଦାନ କେନ୍ଦ୍ରର ବ୍ୟବସ୍ଥା ପ୍ରଶାସନ କରିବାକୁ ଚିନ୍ତା କରୁଛି ବୋଲି କହିବା ସହ ଦିବ୍ୟାଙ୍ଗଙ୍କ ପାଇଁ ଥିବା ଯାତାୟତ ରିହାତି, ଅନ୍ୟାନ୍ୟ କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୃକ୍ତ



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ କମିଟି ବୈଠକ।

ବିଭାଗ କଡ଼ାକଡ଼ି ଭାବେ ଅନୁପାଳନ କରିବାକୁ ପରାମର୍ଶ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ଦିବ୍ୟାଙ୍ଗଙ୍କ ପ୍ରତି ଥିବା ବିବିଧ ସୁବିଧା ସୁଯୋଗ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ ୫୪,୧୯୫ ଜଣ ଦିବ୍ୟାଙ୍ଗ ରହିଛନ୍ତି । ଏହା ଜିଲାର ଜନ ସଂଖ୍ୟାର ୨.୯୭ ଭାଗ ଥିବାବେଳେ ରାଜ୍ୟରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ଶତକଡା ୩ ଭାଗ ରହିଛି। ଜିଲାରେ ୯ଜଣ ଦିବ୍ୟାଙ୍ଗଙ୍କୁ ଉଚ୍ଚ ଶିକ୍ଷା ପାଇଁ ଲ୍ୟାପଟପ୍, ୧୭୦ଜଣ ଦିବ୍ୟାଙ୍ଗଙ୍କୁ ରେଡକ୍ରସ ପକ୍ଷରୁ ୯ ଲକ୍ଷ ୧୦ ହଜାର ଟଙ୍କାର ସହାୟତା ଦିଆଯାଇଛି । ଜିଲାରେ ୧୧୫ ଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ହୋଇଥିବାବେଳେ ଚଳିତ ବର୍ଷ ୫୦ଟି ଅଧିକ ଦିବ୍ୟାଙ୍ଗଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନର ଲକ୍ଷ୍ୟ ରଖାଯାଇଛି ବୋଲି ସାହୁ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

■ ପ୍ଲାଷ୍ଟିକମୟ ଯାଜପୁରରୋଡ଼ ସହର

# ନିଷେଧ ପାଇଁ ହେଉନାହିଁ ସଚେତନତା

ଯାଜପୁରରୋଡ଼,୧୮।୯(ନି.ପ୍ର.)



ରାଜ୍ୟକୁ ପ୍ଲାଷ୍ଟିକମୁକ୍ତ ଓ ପ୍ରଦୂଷଣ ରୋକିବା ପାଇଁ ରାଜ୍ୟ ସରକାର ନିୟମ କରିଛନ୍ତି। ଏହି ନିୟମ ଆସନ୍ତା ଅକ୍ଟୋବର୨ ତାରିଖରୁ ଲାଗୁହେବ। ତେବେ ବ୍ୟାସନଗର ପୌରପରିଷଦ ପ୍ଲାଷ୍ଟିକ ନିଷେଧ ସମ୍ପର୍କରେ କୌଣସି ଜନ ସଚେତନତା ସୃଷ୍ଟି କରୁନାହାନ୍ତି। ଗଣେଷ ପୂଜାଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଗଲାଣି। ସହରର ବିଭିନ୍ନ ଅଞ୍ଚଳରେ ଫୁଲ ବଦଳରେ ଏବେ ପ୍ଲାଷ୍ଟିକ ଚାହିଦାର ଆଦର ବଢ଼ିଛି। ମୂର୍ତ୍ତି ମେଢ ସଜାସଜି ପାଇଁ ପ୍ଲାଷ୍ଟିକ୍ ହାର କିଣାଯାଉଥିବାବେଳେ ଫୁଲ ହାର ଉପରେ ବିଶେଷ କେହି ଯୋର ଦେଉନାହାନ୍ତି। ଚଳିତ ବର୍ଷ ଯାଜପୁରରୋଡ଼ରେ ୫୦୦ରୁ ଉର୍ଦ୍ଧ୍ୱ ପ୍ଲାଷ୍ଟିକ୍ ଫୁଲ ଦୋକାନ ଫୁଟପାଥରେ ଓ ପୂଜା ସାମଗ୍ରୀ ଦୋକାନରେ ପ୍ଲାଷ୍ଟିକ ହାରମାନ ମାଳମାଳ ହୋଇ ଝୁଲୁଛି। ଖୁଦୁରୁକୁଣି ଓ ଗଣେଶ ପୂଜାରେ ଏହି ହାର ବିଶେଷ ଭାବରେ ଲୋକ କିଣିନେଉଥିବା ଦେଖିବାକୁ ମିଳୁଛି। ବିଶ୍ୱକର୍ମା ପୂଜାରେ ଏହି ହାର ବିଶେଷ ଭାବରେ ବିକ୍ରି ହେଉଛି। ମୂର୍ତ୍ତି ବିସର୍ଜନ ପରେ ପ୍ଲାଷ୍ଟିକ୍ ହାର ଗୁଡ଼ିକ ଜଳାଶୟରେ ପଡ଼ିବ। ଓ ସହରର ବିଭିନ୍ନ ନର୍ଦ୍ଦମାରେ ଏହି ହାର ପଡୁଥିବା ଦେଖିବାକୁ ମିଳୁଛି। ପ୍ଲାଷ୍ଟିକ୍ ବ୍ୟବହାର ଦେହ ପକ୍ଷେ ହିତକର ନୁହେଁ ବୋଲି କୁହାଯାଉଥିଲେ ମଧ ଲୋକମାନେ ଏ କଥାକୁ ଗ୍ରହଣ କରୁନାହାନ୍ତି। ଏଥିପାଇଁ ପୌରପରିଷଦ ପକ୍ଷରୁ କୌଣସି ସଚେତନତା କରାଯାଉନାହିଁ କିମ୍ବା ପ୍ଲାଷ୍ଟିକ୍ ନିଶେଧ ସମ୍ପର୍କରେ କୌଣସି ବୋର୍ଡ଼ ମରାଯାଇ ନାହିଁ। ପ୍ଲାଷ୍ଟିକ ଦେହ ପକ୍ଷେ ଅତି କ୍ଷତିକାରକ ବୋଲି ସମସ୍ତେ ଜାଣି ଶୁଣି ସୁଦ୍ଧା ଏହାର ବ୍ୟବହାର କରୁଛନ୍ତି। ଚା' ଦୋକାନରେ ପ୍ଲାଷ୍ଟିକ୍ ଗ୍ଲାସରେ ଚା' ଦିଆଯାଉଛି। ଏସମ୍ପର୍କରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନାଙ୍କୁ ପଚାରିବାରେ ପ୍ଲାଷ୍ଟିକ ବ୍ୟବହାର ନ କରିବାପାଇଁ ଲୋକମାନଙ୍କୁ ଅବଗତ କରାଯାଉଛି। ପ୍ଲାଷ୍ଟିକ ନିଷେଧ ସମ୍ପର୍କରେ ବୋର୍ଡ଼ ମରାଯିବ ବୋଲି କହିଛନ୍ତି। ଜଳାଶୟ ଗୁଡ଼ିକରେ ପ୍ଲାଷ୍ଟିକ୍ ହାର ପଡ଼ି ଦୂଷିତ ହେଉଛି। ରାସ୍ତାରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ଜରି ଓ ମାଳକୁ ଗୋରୁଗାଈ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ଏଥିପାଇଁ ବ୍ୟାପକ ଜନସଚେତନତା ନିହାତି ଆବଶ୍ୟକ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହେଉଛି।



ଭୋଜନ ଦ୍ୱାରା ବ୍ରାହ୍ମଣମାନେ ସନ୍ତୁଷ୍ଟ ହୁଅନ୍ତି। ମୟୂରମାନେ ମେଘଗର୍ଜନ ଶୁଣିଲେ, ସାଧୁମାନେ ଅନ୍ୟର ସମ୍ପଦ ଜାଣିଲେ ଓ ଖଳଲୋକମାନେ ପରର ବିପଦରେ ଆନନ୍ଦିତ ହୁଅନ୍ତି।

-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ଭତ୍ତା ବଣ୍ଟନରେ ବିଳମ୍ବରୁ ହିତାଧିକାରୀ ଅସନ୍ତୁଷ୍ଟ

ସିଂହପୁର,୧୮।୯(ଡି.ଏନ୍.ଏ)- ସିଂହପୁର ନିକଟବର୍ତ୍ତୀ ବରୀ ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତରେ ଭତ୍ତା ବଣ୍ଟନରେ ବିଳମ୍ବ ଯୋଗୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଯେ, ୧୫ ତାରିଖରେ ଭତ୍ତା ବଣ୍ଟନ ନିୟମ ଥିବାବେଳେ ମଧୁସୂଦନପୁର ପଞ୍ଚାୟତରେ ୧୭ ତାରିଖରେ ଭତ୍ତା ବଣ୍ଟନ କରାଯାଇଥିଲା । ପଞ୍ଚାୟତ କାର୍ଯ୍ୟାଳୟଠାରୁ ୨ରୁ ୩କି.ମି. ଦୂର ଆସି ନିର୍ଦ୍ଧାରିତ ତାରିଖରେ ଭତ୍ତା ନ ପାଇ ହିତାଧିକାରୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତରେ ଅଧିକାଂଶ ମାସରେ ଭତ୍ତା ବଣ୍ଟନରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ହିତାଧିକାରୀ ଦାବି କରିଛନ୍ତି ।

### ମିଳିତ ମଞ୍ଚର ବାଇକ୍ ରାଲି

ବରୀ,୧୮।୯(ସ୍ୱ.ପ୍ର.)- ବରୀ ବ୍ଲକ ସ୍କୁଲ କଲେଜ ମିଳିତ ମଞ୍ଚର ଏକ ବାଇକ ରାଲି ମଙ୍ଗଳବାର ମହାକାଳପଡାଠାରୁ ବାହାରି କଳାଖଣ୍ଡରେ ପହଞ୍ଚିଥିଲା । ଏଥିସହ ଏକ ସଭା ଆୟୋଜିତ କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଧାପକଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷକ ନେତା ନିର୍ମଳ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବାଇକ ରାଲିରେ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ହୋଇଥିଲେ। ଲୋକନାଥ ଦାସ, କର୍ଣ୍ଣଚନ୍ଦ୍ର ଘଡାଇ, ଦିଲ୍ଲିପ କୁମାର ଦାସ, ରବିନ୍ଦ୍ର କୁମାର ପତି, ବିଜୟ କୁମାର ଦାସ, ଅନିରୁଦ୍ଧ ବେଉରିଆ ପ୍ରମୁଖ ସାମିଲ ଥିଲେ। ବୁଧବାର ସଂଘୁଅ ଚଟୁମାରିରୁ କାଇପଡା ପର୍ଯ୍ୟନ୍ତ ପଦଯାତ୍ରା କରାଯିବ ବୋଲି ବରୀ ବ୍ଲକ ଓଷ୍ଟା ସମ୍ପାଦକ ରବିନ୍ଦ୍ର କୁମାର ପତି, ମିଳିତ ମଞ୍ଚ ଆବାହକ ଦିଲ୍ଲିପ କୁମାର ଦାସ କହିଛନ୍ତି।

### ଦୂତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା

କୋରେଇ,୧୮।୯(ସ୍ୱ.ପ୍ର.)- ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟର ରିଜର୍ଭ ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଏସିଆନ କ୍ରୀଡାରେ ରୌପ୍ୟ ପଦକ ବିଜେତା ଦୂତି ଚାନ୍ଦଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ସମ୍ବର୍ଦ୍ଧନା ସଭାରେ ଅଧକ୍ଷତା କରିଥିଲେ। ଯାଜପୁର ଏସ୍‌ପି ଚରଣ ସିଂ ମୀନା ମୁଖ୍ୟଅତିଥି ଭାବେ ଯୋଗଦେଇ ପୁଷ୍ପଗୁଚ୍ଛ ଦେଇ ଦୂତୀଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଯାଜପୁରରୋଡ ଏସଡିପିଓ କେଦାରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଡଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ସ୍ୱରଚିତ କବିତା ପାଠ କରିଥିଲେ । ଅନ୍ୟତମ ଅତିଥିଭାବେ ଅତିରିକ୍ତ ଏସପି ଗଣେଶ୍ୱର ସେଠୀ ଯୋଗଦେଇ ଦୂତି ସମଗ୍ର ଭାରତବର୍ଷ ପାଇଁ ଗୌରବ ଆଣିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଡିଏସପି ବାଉରିବନ୍ଧୁ ଜେନା, ଆଇଆଇସି ଜୟନ୍ତୀ ଦଳାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ପୋଲିସର ବିଭିନ୍ନ ପଦାଧିକାରୀ, ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା, କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁଙ୍କ ସମେତ ଜିଲା ମୁଖ୍ୟାଳୟର ଅଧିକାରୀମାନେ ଯୋଗଦେଇଥିଲେ ।

### ପୂର୍ବତନ ସମିତି ସଭ୍ୟାଙ୍କୁ ଜୋତାମାଳ ପିନ୍ଧାଇବା ଘଟଣା:୫ ଅଟକ

ଛତିଆ,୧୮।୯(ଡି.ଏନ୍.ଏ)- ବୈରୀ ଥାନା ଅନ୍ତର୍ଗତ ସୋଲର ପଞ୍ଚାୟତ ପାଇକରାପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇବା ଘଟଣଶରେ ପୂର୍ବତନ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ମଲିକ ମଙ୍ଗଳବାର ଛତିଆ ବିଟ୍ ହାଉସ୍‌ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ବିଟ୍ ହାଉସ୍ ଅଧିକାରୀ ଏକ ମାମଲା(୫୮/୧୮) ରୁଜୁ କରିବା ସହ ୫ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ସୂଚନାଯୋଗ୍ୟ, ସମ୍ପର୍କୀୟ ଭାଇଙ୍କୁ ଘରେ ଅବାଧ ପ୍ରବେଶ କରାଇବା ଘଟଣାରେ ଉତ୍ୟକ୍ତ ହୋଇ ସାହି ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ରବିବାର ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇଥିଲେ। ଲକ୍ଷ୍ମୀପ୍ରିୟାଙ୍କ ସମ୍ପର୍କୀୟ ଭାଇ କିଛିଦିନ ହେବ ତାଙ୍କ ଘରକୁ ଆସୁଥିଲେ। ସାହି ଲୋକେ ଏହା ଜାଣିବା ପରେ ଲକ୍ଷ୍ମୀପ୍ରିୟାଙ୍କୁ ଡାକି ଉକ୍ତ ଯୁବକଙ୍କୁ ଘରେ ପ୍ରବେଶ ନ କରାଇବାକୁ ପରାମର୍ଶ ଦେଇଥିଲେ। ହେଲେ ସେ ଏଥିରେ ଅରାଜି ହେବାରୁ ସାହିର ୪/୫ ଜଣ ଯୁବକ ତାଙ୍କୁ ଜୋର ଜବରଦସ୍ତ ଜୋତାମାଳ ପିନ୍ଧାଇ ବୁଲାଇଥିଲେ। ଏହାର ସମାଧାନ ପାଇଁ ସୋମବାର ଗାଁରେ ଏକ ବୈଠକ ବସିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା।

## ■ଅବ୍ୟବସ୍ଥାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ନିରାମୟ ଯୋଜନାରୁ ବଞ୍ଚିତ ରୋଗୀ

■ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଛନ୍ତି ଡାକ୍ତର

■ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ଯୋଗାଣ ହେଉଥିବା ଅଭିଯୋଗ

■ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଅର୍ଥ ଆତ୍ମସାତ୍

ଚଣ୍ଡିଖୋଲ,୧୮।୯(ଡି.ଏନ.ଏ.)

ବଡଚଣା ନିର୍ବାଚନ ମଣ୍ଡଳୀରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବିଭିନ୍ନ ଅଞ୍ଚଳର ଲୋକେ ନିର୍ଭର କରୁଥିବାବେଳେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ନେଇ ରୋଗୀମାନେ ଅଭିଯୋଗ କରୁଛନ୍ତି। ଏପରି କି ରୋଗୀମାନେ ସରକାରଙ୍କ ନିରାମୟ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହି ଯୋଜନାରେ ମିଳୁଥିବା ମାଗଣା ଔଷଧ ଠିକ୍‌ଭାବେ ରୋଗୀଙ୍କୁ ଦିଆଯାଉନାହିଁ। ସେମାନଙ୍କୁ ବାହାରୁ ଔଷଧ କିଣିବା ପାଇଁ ବାଧ କରାଯାଉଛି।

ସୂଚନାଯୋଗ୍ୟ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଜପୁରର ଧର୍ମଶାଳା, ବଡଚଣା ବ୍ଲକ ସମେତ ଢେଙ୍କାନାଳ ଜିଲା ଗନ୍ଦିଆ ବ୍ଲକର ଲୋକେ ନିର୍ଭର କରିଥାନ୍ତି। ଏଥିସହ ୧୬ନଂ, ୫ନଂ(କ) ଓ ୫୩ନଂ ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କୁ ଆଶୁ ଚିକିତ୍ସା ଯୋଗାଇଦେବା ସ୍ୱାସ୍ଥ୍ୟକେନ୍ଦ୍ରର ଲକ୍ଷ୍ୟ ହୋଇଥିବାବେଳେ ନିଯୁକ୍ତ ଡାକ୍ତର ଓ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଶହ ଶହ ରୋଗୀ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ଡାକ୍ତରମାନେ ୧/୨ ଘଣ୍ଟା ଡାକ୍ତରଖାନାରେ ରହି ଚାଲି ଯାଉଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟ ଅଧିକାରୀ ସବୁ ଜାଣି ଚୁପ୍ ରହିବା ପଛର ରହସ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ୱାର୍ଡରେ ଫ୍ୟାନ ନ ଥିବାବେଳେ ଦୁର୍ଗନ୍ଧ ହେଉଛି। ପାନୀୟଜଳ ପାଇଁ ଲାଗିଥିବା ମେଶିନ କାମ କରୁ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବାରମ୍ବାର ବିଦ୍ୟୁତକାଟ ହେଉଥିବାବେଳେ ବିକଳ୍ପ ବ୍ୟବସ୍ଥା କରାଯାଉନାହିଁ। ୫ ଜଣ ଡାକ୍ତର ଥିଲେ ମଧ ସେମାନେ ଠିକ ଭାବେ ଦାୟିତ୍ୱ ତୁଲାଉନାହାନ୍ତି। ଅଧିକାଂଶ ସମୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହୁଥିବା ଦେଖାଯାଇଛି। ଏପରି କି ସାଧାରଣ ରୋଗୀଙ୍କୁ ଗୁରୁତର ଦର୍ଶାଇ କଟକ ବଡ଼ ଡାକ୍ତରଖାନା ପଠାଇ ଦିଆଯାଉଛି। ପ୍ରତି ବର୍ଷ ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଅର୍ଥ ହରିଲୁଟ କରାଯାଉଛି। ରୋଗୀଙ୍କ ନିମନ୍ତେ ଖାଦ୍ୟ ଯୋଗାଣ ପାଇଁ ଟେଣ୍ଡର କରା ନ ଯାଇ କାଗଜ କଲମରେ ଜଣେ ବ୍ୟକ୍ତିଙ୍କ ଜରିଆରେ ନିମ୍ନମାନର ଓ କମ ପରିମାଣର ଖାଦ୍ୟ ଦିଆଯାଇ ବହୁ ଅର୍ଥ ବାଟମାରଣା କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରତିବର୍ଷ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଆସୁଥିବା ପ୍ରାୟ ୧୨ ଲକ୍ଷ ଟଙ୍କା ଅଳ୍ପ ଖର୍ଚ୍ଚ କରାଯାଇ ବକେୟା ଅର୍ଥ ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହୋଇଛି। ଡାକ୍ତର ଏବଂ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ରହିଥିଲେ ମଧ ସେମାନେ ସେଠାରେ ରହୁ ନ ଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଆସି ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ନିମାଇଁ ଚରଣ ନାୟକଙ୍କୁ ପଚାରିବାରେ, ସେବା ଯୋଗାଇଦେବାରେ ଅବହେଳା କରିନାହୁଁ। ସରକାରଙ୍କ ତରଫରୁ ମିଳୁଥିବା ଔଷଧ ରୋଗୀଙ୍କୁ ଦିଆଯାଉଛି। ସମସ୍ତ କର୍ମଚାରୀ ଏଥିପାଇଁ ସଜାଗ ଅଛନ୍ତି ବୋଲି କହିଥିଲେ।

### ସ୍ୱାଧୀନତା ସଂଗ୍ରାମୀଙ୍କ ବିୟୋଗରେ ଶୋକ

ଛତିଆ,୧୮।୯(ଡି.ଏନ୍.ଏ)

ସ୍ୱାଧୀନତା ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କ ବିୟୋଗରେ ଗାନ୍ଧୀ ସ୍ମାରକୀ ପାଠାଗାର ଓ ପ୍ରଚାର ସମିତି, ବୈରୀ ପକ୍ଷରୁ ମଙ୍ଗଳବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିହିର ପ୍ରତାପ ଦାସ ସଭାପତିତ୍ୱ କରିଥିଲେ। ଭାଗ୍ୟଧର ମଲ୍ଲିକ, ଦିନବନ୍ଧୁ ସାମଲ, ସଚ୍ଚିଦାନନ୍ଦ ସାମନ୍ତରାୟ, ରମେଶ ବିଶ୍ୱାଳ, ଦୀପକ ସ୍ୱାଇଁ, ସୁଜିତ ସାହୁ, ମୁକୁନ୍ଦ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଦୋଳବାବୁଙ୍କ ପ୍ରସ୍ତାବ ଅନୁସାରେ ଗାନ୍ଧୀ ସ୍ମାରକୀ ପାଠାଗାର ଓ ପ୍ରଚାର ସମିତିର ନାମକରଣ କରାଯାଇଥିବା କହିଥିଲେ।

### ଶିଶୁ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା

ବିରଜାକ୍ଷେତ୍ର,୧୮।୯(ଡି.ଏନ୍.ଏ)

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ସମ୍ମାନରେ ସମ୍ମାନିତ ବରିଷ୍ଠ ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ ସୋମବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଜିଲା ସଂସ୍କୃତି ବିଭାଗ ଓ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶିଶୁ ସାହିତ୍ୟିକ ସ୍ୱାଇଁଙ୍କୁ ସମ୍ମାନିତ କରାଯାଇଥିଲା।

## ସ୍ୱୟଂଶାସିତ ମାନ୍ୟତା ଫେରିପାଇବା ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ବିରଜାକ୍ଷେତ୍ର,୧୮।୯(ଡି.ଏନ୍.ଏ.)- ସ୍ୱୟଂଶାସିତ ମାନ୍ୟତା ଫେରିପାଇବା ଦାବିରେ ଯାଜପୁର ଜିଲାର ସର୍ବପୁରାତନ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଲେଜ ପରିସରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ନିବେଦନ କରିଥିଲେ। ଏଥିସହ କଲେଜର ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ଛାତ୍ରନେତା ଅଚ୍ୟୁତାନନ୍ଦ ସ୍ୱାଇଁ, ଦୀପ୍ତିରଞ୍ଜନ ନାୟକ, ସାଜିଦ୍ ଅକ୍ତାର, ଶ୍ରୀତମ ଦାସଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

**ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ**



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସୂଚନାଯୋଗ୍ୟ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ୨୦୦୧ରେ ସ୍ୱୟଂଶାସିତ ମାନ୍ୟତା ହାସଲ କରିଥିଲା। କିନ୍ତୁ ପୂର୍ବତନ ଅଧକ୍ଷଙ୍କ ଅବହେଳା ଯୋଗୁ ସ୍ୱୟଂଶାସିତର ନବୀକରଣ ହୋଇ ନ ପାରି ୨୦୧୩ରୁ ମହାବିଦ୍ୟାଳୟ ୟୁଜିସି ଅନୁଦାନରୁ ବଞ୍ଚିତ ହୋଇଛି । ସ୍ୱୟଂଶାସିତ ମାନ୍ୟତା ହରାଇ ନାହିଁ ବୋଲି ଅଧକ୍ଷ ସୂଚନା ଦେବା ପରେ ମଧ ଉତ୍ୟକ୍ତ ଛାତ୍ରୀଛାତ୍ର ଶୁଣିବାକୁ ପ୍ରସ୍ତୁତ ନ ଥିଲେ। ଗତ କିଛିଦିନ ତଳେ ଛାତ୍ରୀଛାତ୍ର ସ୍ୱୟଂଶାସିତ ମାନ୍ୟତା ହରାଇଥିବା ଦାବି କରି କଲେଜ ଫାଟକରେ ତାଲା ପକାଇବା ସହ ଅଧକ୍ଷଙ୍କ ସମେତ ଅଧାପିକା ଅଧାପକଙ୍କୁ ଘେରାଉ କରିଥିଲେ। ବର୍ତ୍ତମାନର ଅଧକ୍ଷ ଫକୀର ମୋହନ ମଲିକ ସ୍ୱୟଂଶାସିତ ନବୀକରଣ ପାଇଁ ତଥ୍ୟ ଯୋଗାଡ଼ରେ ଲାଗିପଡ଼ିଛନ୍ତି। ନବୀକରଣ ପାଇଁ ୩୫୦ ତଥ୍ୟର ଆବଶ୍ୟକତା ଥିବାବେଳେ ୩୦୦ ତଥ୍ୟର ନଥିପତ୍ର ଯୋଗାଡ଼ କରିସାରିଛନ୍ତି। ଖୁବ୍‌ଶୀଘ୍ର ବକେୟା ୫୦ ତଥ୍ୟର ନଥିପତ୍ର ଯୋଗାଡ଼ କରି ସ୍ୱୟଂଶାସିତ ନବୀକରଣ କରାଯିବ ବୋଲି ଅଧକ୍ଷ ମଲିକ ସୂଚନା ଦେଇଥିଲେ।

### ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ

ବିରଜାକ୍ଷେତ୍ର, ୧୮।୯ (ଡି.ଏନ୍.ଏ.)- ଯାଜପୁର ସହରର ଆରାଧ ଦେବୀ ମା' ବିରଜାଙ୍କ ଦୁର୍ଗା ଉତ୍ସବ ନିମନ୍ତେ ବିରଜା ମନ୍ଦିର ପରିସରରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଉପଜିଲାପାଳ ତଥା ମନ୍ଦିର ପରିଚାଳନା କମିଟି ଅଧକ୍ଷ ନାରାୟଣ ଚନ୍ଦ୍ର ଧଳ କରିଥିଲେ। ଅକ୍ଟୋବର ୯ ତାରିଖରୁ ମା'ଙ୍କର ୯ ଦିନ ବ୍ୟାପୀ ରଥଚାଳନାର ଶୁଭାରମ୍ଭ ହେବ । ସେହିପରି ଦ୍ୱିତୀୟାଷ୍ଟମୀ ତଥା ୨ ତାରିଖରୁ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେବ । ରୀତିନୀତିରେ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦୁର୍ଗାପୂଜା ଅବସରରେ ମନ୍ଦିରକୁ ଉଜ୍ଜ୍ୱଳ ଆଲୋକରେ ସଜାଯିବା ସହ ଚତୁଃପାର୍ଶ୍ୱ ସଫାସଫି ପାଇଁ ପୌରପାଳିକାକୁ ଅନୁରୋଧ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ପୂଜା ଉତ୍ସବ ସମୟରେ ବିଦ୍ୟୁତ୍ ବିଭାଗ ନିରବଚ୍ଛିନ୍ନ ଭାବେ ସେବା ଯୋଗାଇ ଦେବ । ଭକ୍ତଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ଓ ଶାନ୍ତିଶୃଙ୍ଖଳାର ସହ ପୂଜାକାର୍ଯ୍ୟ ସମ୍ପନ୍ନ କରିବାପାଇଁ ଅଧକ୍ଷ ଧଳ ସେବାୟତଙ୍କୁ ପରାମର୍ଶ ଦେଇଥିଲେ । ମନ୍ଦିରର ଗୁମାସ୍ତା ପ୍ରଭାତ କୁମାର ପତି, ଗୁରୁଚରଣ ମହାରଣା, ନାଗେନ୍ଦ୍ର ଭୂଷଣ କର, ମଳୟ ପଣ୍ଡା, ପୋଲିସ କର୍ମଚାରୀ ଓ ସେବାୟତମାନେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ ।

### ବାଲି ଚୋରାଚାଲାଣ

ସିଂହପୁର,୧୮।୯(ଡି.ଏନ୍.ଏ)

ସିଂହପୁର ନିକଟବର୍ତ୍ତୀ ବରୀ ତହସିଲ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମ ନିକଟରେ ବେଆଇନ ଭାବେ ବାଲି ଚୋରାଚାଲାଣ ଚାଲିଛି । ବାଲି ମାଫିଆମାନେ ଡିଙ୍ଗି ସାହାଯ୍ୟରେ ନଦୀର ଭିତରୁ ବାଲି ଉଠାଇ ଚାଲାଣ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ଯୁବକ ଉତ୍ତେଜିତ ହୋଇ ସୋମବାର ବାଲି ମାଫିଆଙ୍କୁ ତାଗିଦ କରିଥିଲେ। ତହସିଲଦାର ଏବଂ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

### ■ନାବାଳକଙ୍କ ମୃତଦେହ ଉଦ୍ଧାର ଘଟଣା

## ହତ୍ୟା ସନ୍ଦେହ କଲେ ପରିବାର ଲୋକେ

କୋରେଇ,୧୮।୯(ସ୍ୱ.ପ୍ର.)

କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡାଇ କଲ୍ୟାଣ ମଣ୍ଡପ ନିକଟରେ ଥିବା ମହାଲକ୍ଷ୍ମୀ ମାର୍ବଲ ଆଣ୍ଡ ଫର୍ଟିଲାଇଜର ଦୋକାନ ଉପର ମହାଲାରୁ ସୋମବାର ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତେବେ ତାଙ୍କୁ ହତ୍ୟା କରାଯାଇଥିବା ଗ୍ରାମବାସୀ ଓ ପରିବାର ଲୋକେ ସନ୍ଦେହ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି। ଏ ନେଇ କୋରେଇ ପୋଲିସ ମଙ୍ଗଳବାର ଏକ ଅପମୃତ୍ୟୁ ମାମଲା(୧୧/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କୋରେଇ ଥାନାଧିକାରୀ ଚିନ୍ମୟୀ ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ସୋମବାର ବରୁଣ୍ଡାଇସ୍ଥିତ ଉକ୍ତ ଦୋକାନରେ ମକୁନ୍ଦପୁର ପଞ୍ଚାୟତର ଜଣେ ନାବାଳକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ତାଙ୍କ ବେକରେ ଗାମୁଛା ବାନ୍ଧି ଝରକାରେ ବନ୍ଧା ଯାଇଥିବାବେଳେ ମାତ୍ର ୫ ଶହ ମିଟର ଦୂରରେ ପିନ୍ଧାଲୁଗା ପଡିଥିବା ପୋଲିସ ଦେଖିଥିଲା। ଫଳରେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ମୃତକଙ୍କ ବାପା ଦ୍ୱିତୀୟ ବିବାହ କରିବା ପରେ ସାବତ ମା'ଙ୍କ ସହ କଳହ ଲାଗିରହିଥିବା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ତେଣୁ ଏହା ଏକ ପରିକଳ୍ପିତ ହତ୍ୟାକାଣ୍ଡ ହୋଇପାରେ ବୋଲି ଗ୍ରାମବାସୀ ସନ୍ଦେହ କରିଛନ୍ତି।

## ଏସ୍‌ୟୁସିଆଇ ପକ୍ଷରୁ ଗଣବିକ୍ଷୋଭ

ବିରଜାକ୍ଷେତ୍ର,୧୮।୯(ଡି.ଏନ୍.ଏ.)

୧୨ ଦଫା ଦାବି ନେଇ ଜିଲା କମିଟି ଆହ୍ୱାନରେ ଏସ୍‌ୟୁସିଆଇ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ବନ୍ୟାରେ ଭାଙ୍ଗିଯାଇଥିବା ଘର ନିର୍ମାଣ କରିବା, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରିବା, ଗରିବ ହିତାଧିକାରୀଙ୍କୁ ରାଶନ୍ କାର୍ଡ଼ ଯୋଗାଇବା, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଓ ତୈଳଦର ହ୍ରାସ କରିବା, ସମସ୍ତ ଡାକ୍ତରଖାନାରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀ ପୂରଣ, ମୂଲିଆଙ୍କୁ ବର୍ଷସାରା କାମ ଯୋଗାଇଦେବା, ଯାଜପୁରରୋଡ଼ଠାରୁ ଯାଜପୁର ଟାଉନ ଦେଇ ଧାମରା ପର୍ଯ୍ୟନ୍ତ ରେଳଲାଇନ୍ ସଂଯୋଗ କରିବା, କଳିଙ୍ଗନଗର କାରଖାନାଗୁଡ଼ିକରେ ବେକାରମାନଙ୍କୁ ନିଯୁକ୍ତି ଦେବା, ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର ରୋକିବା ଆଦି ଦାବି ସାମିଲ ଥିଲା । ଏସ୍‌ୟୁସିଆଇ ଜିଲା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ, ଜିଲା କମିଟି ସଭ୍ୟ ସ୍ୱୟଂପ୍ରଭା ନାୟକ, ଅକ୍ଷୟ ଦାସ, ଅଚ୍ୟୁତ ପ୍ରଧାନ, ନୃସିଂହ ମହାନ୍ତି, ସୁରେଶ ପ୍ରଧାନ, କେଦାରନାଥ ସାହୁ, ରାଧାବଲ୍ଲଭ ମଲ୍ଲିକ, ଶରତ ବାରିକ, ନୃସିଂହ ମହାନ୍ତ, ଶାନ୍ତିଲତା ପଣ୍ଡା, ପ୍ରଫୁଲ୍ଲ ଭଞ୍ଜ, ସୁଲୋଚନା ପ୍ରଧାନ, ସୁବାସ ମଲ୍ଲିକ, ଚୈତନ୍ୟ ମହାରଣା, ଜଗବନ୍ଧୁ ମଲ୍ଲିକ, ଅକ୍ଷୟ ପଣ୍ଡା, ଅଭିମନ୍ୟୁ ମଲ୍ଲିକ ଓ ଚୈତନ୍ୟ ସାହୁଙ୍କ ନେତୃତ୍ୱରେ କିଆନାଳୀ ଛକଠାରୁ ଶୋଭାଯାତ୍ରାରେ ବାହାରି ରେଡ଼କ୍ରସ୍ ଛକ, ମେଡ଼ିକାଲ ଛକ, ଗାନ୍ଧୀଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦୁର୍ବାର ଗଣଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଥିଲେ।

## ଶେଷ ହେଲା ଗଣେଶ ଭସାଣି

ବିରଜାକ୍ଷେତ୍ର,୧୮।୯(ଡି.ଏନ୍.ଏ.)

ଯାଜପୁର ସହର ଓ ଆଖପାଖ ଅଞ୍ଚଳର ୭୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା । ମଣ୍ଡପଗୁଡ଼ିକୁ ଆକର୍ଷଣୀୟ ସାଜସଜ୍ଜା କରାଯିବା ସହ ବିଭିନ୍ନ ପୂଜା ମଣ୍ଡପରେ ରଙ୍ଗବେରଙ୍ଗର ଆଲୋକମାଳା ଦେଖିବାକୁ ମିଳିଥିଲା । ସେହିପରି ଗତ ଶୁକ୍ରବାରଠାରୁ ଭସାଣି ଉତ୍ସବ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି । ଦୀର୍ଘ ୫ ଦିନ ଧରି ସହରର ବୈତରଣୀ ନଦୀକୂଳ ଦେବୀଗଡ଼ା ଘାଟଠାରେ ୪୫ରୁ ଊର୍ଦ୍ଧ୍ୱ ମେଢ଼ ଶୋଭାଯାତ୍ରାରେ ଆସି ବିସର୍ଜନ ହୋଇଥିଲେ । ୪୫ ମେଢ଼ର ଭସାଣି ନିମନ୍ତେ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ଦୀର୍ଘ ୬ ଦିନ ଧରି ଗଣେଶ ପୂଜା ଅବସରରେ ଯାଜପୁର ସହର ଉତ୍ସବମୁଖର ହୋଇଉଠିଥିଲା । ବିଭିନ୍ନ ପୂଜା ମଣ୍ଡପଗୁଡ଼ିକରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦେଖିବାକୁ ମିଳିଥିଲା । ଯାଜପୁର ସହରର ମଙ୍ଗଳା ମନ୍ଦିର, ବିରଜା ମନ୍ଦିର ଜିପିସି କ୍ଲବ, ବିରଜା କ୍ଲବ, ଅଠରନଳା, କୁଆଁସରପୁର, ରକ୍ଷାକାଳୀ, ଯୋଡ଼ିକୂଅ, ଅମ୍ବିକାଇ, ଶୀତଳେଶ୍ୱର, ଗରିଆପୁର, ଦୁର୍ଗାହଲ ବୁଢ଼ା ଗଣେଶ, ବଡ଼ବଜାର, ହରପାର୍ବତୀ ଛକ, ମାର୍କେଟ୍ ଛକ, ସଦାବ୍ରତ ମଠ, ଷ୍ଟେଟ୍ ବ୍ୟାଙ୍କ, ନିୟନ୍ତ୍ରିତ ବଜାର କମିଟି, ଗୋପାଳୀ ଛକ, ଲଳିତେଶ୍ୱର ଆଦି ସ୍ଥାନର ଗଣେଶ ମେଢ଼ ଶୋଭାଯାତ୍ରାରେ ଆସି ଦେବୀଗଡ଼ା ଘାଟରେ ବିସର୍ଜନ ହୋଇଥିଲେ । ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାଜପୁର ଥାନା ଭାରପ୍ରାପ୍ତ ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ନିର୍ଦ୍ଦେଶମତେ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇ ଭସାଣ ଉତ୍ସବକୁ ଶାନ୍ତିଶୃଙ୍ଖଳା ସହ ସମ୍ପନ୍ନ କରାଯାଇଛି।

## ଡିପ୍ଲୋମା ଇଞ୍ଜିନିୟରଙ୍କ ଧାରଣା



ଧାରଣାରେ ବସିଥିବା ଇଞ୍ଜିନିୟର ।

ବିରଜାକ୍ଷେତ୍ର,୧୮।୯(ଡି.ଏନ୍.ଏ.) ୫ ଦଫା ଦାବି ନେଇ ରାଜ୍ୟ ସଂଘର ଆହ୍ୱାନକ୍ରମେ ଯାଜପୁର ଜିଲାର କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ମଙ୍ଗଳବାରଠାରୁ ସମୂହ ଛୁଟି ନେବା ସହ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୧୯୧ ଇଞ୍ଜିନିୟର ଧାରଣାରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କ୍ୟାଡର ପୁନର୍ଗଠନରେ ଡିପ୍ଲୋମା ଇଞ୍ଜିନିୟରଙ୍କୁ ସମାନ ନ୍ୟାୟ ନ ମିଳିବା, ପଞ୍ଚାୟତିରାଜ ବିଭାଗରେ କ୍ୟାବିନେଟ ନିଷ୍ପତ୍ତି କାର୍ଯ୍ୟକାରୀ କରିବାରେ ବିଳମ୍ବ ହେବା ଆଦି ଦାବି ସାମିଲ ଥିଲା। ପଦୋନ୍ନତି ନ ପାଇ ମୂଳ ନିଯୁକ୍ତିରେ ଅବସର ନେଉଥିବା ୮୫ଭାଗ ଇଞ୍ଜିନିୟର ୨୦ ବର୍ଷ ପରେ ମଧ ଉପଯୁକ୍ତ ହାରରେ ଆରଏସିପି ନ ପାଇବା, ଇଞ୍ଜିନିୟରିଂ ବିଭାଗ ବ୍ୟତୀତ ଅନ୍ୟ ବିଭାଗଗୁଡ଼ିକରେ କ୍ୟାଡର ପୁନର୍ଗଠନ ନ ହେବା, କୃଷି ବିଭାଗରେ ଅବସ୍ଥାପିତ ଇଞ୍ଜିନିୟରଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିବା ଯୋଗୁ ସେମାନଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ଡିଗ୍ରୀ ଇଞ୍ଜିନିୟରଙ୍କ ଦରମା ଓ ପଦୋନ୍ନତି ହାର ବୃଦ୍ଧି ପାଉଥିବା ବେଳେ ଉଦ୍ଦେଶ୍ୟମୂଳକ ଭାବେ ଡିପ୍ଲୋମା ଇଞ୍ଜିନିୟରଙ୍କ ଦରମା ଓ ପଦୋନ୍ନତି ହେଉ ନ ଥିବା ସଂଘ ଅଭିଯୋଗ କରିଛି। ସଂଘର ଜିଲା ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଇଞ୍ଜିନିୟର ରାହାସ ବିହାରୀ ଜେନା, ରବୀନ୍ଦ୍ର କୁମାର ଦାସ, ହରେକୃଷ୍ଣ ସାହୁ, ମହେଶ୍ୱର ସାହୁ, ଅଭିମନ୍ୟୁ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଧାରଣାରେ ବସିଥିଲେ।

### ■ହୋଇପାରୁନି ଖଜଣା, କିସମ ପରିବର୍ତ୍ତନ

## ୫ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି ଅଭିଯୋଗ

ଧର୍ମଶାଳା, ୧୮।୯(ଡି.ଏନ୍.ଏ.)

ଧର୍ମଶାଳା ତହସିଲ ଅନ୍ତର୍ଗତ କୁମାରୀ ମୌଜାରେ ଖଜଣା ଓ କିସମ ପରିବର୍ତ୍ତନ ହୋଇପାରୁ ନାହିଁ। ଫଳରେ ଖଜଣା ବାବଦକୁ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି ହୋଇଥିବା ଅଭିଯୋଗ ହୋଇଛି। ଖଜଣା ଓ ପାଉତି ଦର୍ଶାଇ ନ ପାରିବାରୁ ବହୁ ଛାତ୍ରୀଛାତ୍ର ତହସିଲରୁ ବାସସ୍ଥାନ ପ୍ରମାଣପତ୍ର ପାଇ ପାରୁ ନ ଥିବାବେଳେ ମୌଜାବାସୀ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବହୁବାର ଗ୍ରାମବାସୀ ଏବଂ ଧର୍ମଶାଳା ବୁଦ୍ଧିଜୀବୀ ସଂଘ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ପ୍ରକାଶ ଯେ, ଏହି ତହସିଲର କୁମାରୀ ମୌଜାରେ ୩୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ୧୯୮୬ ମସିହାରେ କୁମାରୀ ମୌଜାର ଚକବନ୍ଦୀ ଓ ବନ୍ଦୋବସ୍ତ କାର୍ଯ୍ୟ ସରି ଜମି ମାଲିକମାନେ ପଟ୍ଟା ପାଇ ଘରବାଡ଼ି କରି ରହି ଆସୁଛନ୍ତି। ସରକାରଙ୍କ ନିର୍ଦ୍ଧାରିତ ନିୟମ ଅନୁସାରେ ମୌଜାବାସୀ ୧୯୮୬ ମସିହାରୁ ଖଜଣା, ପଥକର, ଘରବାଡ଼ି କରିବା ପାଇଁ କିସମ ପରିବର୍ତ୍ତନ ନିମନ୍ତେ ଧର୍ମଶାଳା ତହସିଲରେ ଆବେଦନ କରି ଆସୁଛନ୍ତି। ହେଲେ ରାଜସ୍ୱ ବିଭାଗ ଖଜଣା ପ୍ରଭୃତି ସରକାରୀ ଦେୟ ଆଦାୟ କରିବାକୁ ମନା କରି ଦେଉଥିବା ମୌଜାବାସୀ କହିଛନ୍ତି। ୧୯୮୬ ପରଠାରୁ କାହାରିଠାରୁ ଖଜଣା, ପଥକର ଓ କିସମ ପରିବର୍ତ୍ତନ ପାଇଁ ରାଜସ୍ୱ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଅଧିକାରୀ ନାକପୋଲ ଜମି ମାଲିକଙ୍କଠାରୁ କର ଆଦାୟ କରୁନାହାନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ କୁମାରୀ ମୌଜାର ରେକର୍ଡ ପ୍ରସ୍ତୁତିବେଳେ କେତେକ ତ୍ରୁଟି ଯୋଗୁ ଏପରି ହୋଇଥିବା କହିଛନ୍ତି। ଏହି ମୌଜା ଜଙ୍ଗଲ କିସମ ସାବକ ଥିବାରୁ ଜମି ମାଲିକଙ୍କୁ ଚକବନ୍ଦୀ ବିଭାଗ ଭୁଲ୍‌କ୍ରମେ ପଟ୍ଟା ଦେଇଛନ୍ତି। ଅନ୍ୟପକ୍ଷରେ ୧୯୭୫ ମସିହା ପ୍ରଳୟଙ୍କରୀ ବନ୍ୟା ସମୟରେ ବନ୍ୟାରେ କେତେକଙ୍କ ଘର ଭାସି ଯାଇଥିଲା। ସେମାନଙ୍କୁ ଥଇଥାନ କରିବା ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ରାଜସ୍ୱ ମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗର ଅନୁମୋଦନ କ୍ରମେ ୪୦ରୁ ୫୦ ଜଣ ପରିବାରକୁ ଉକ୍ତ ମୌଜାରେ ସରକାରଙ୍କ ତରଫରୁ ଗୃହ ନିର୍ମାଣ କରାଯାଇ କିସମ ପରିବର୍ତ୍ତନ କରି ଘରଡିହ ପଟ୍ଟା ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଘରଡିହ ପଟ୍ଟା ଯାଇଥିବା ଜମି ମାଲିକଙ୍କ ମଧରୁ କେତେକ ବସବାସ କରୁଥିବାବେଳେ ଅନେକ ଜମି ବିକ୍ରି କରି ଅନ୍ୟତ୍ର ପଳାଇଛନ୍ତି। ମାତ୍ର ସେମାନଙ୍କଠାରୁ କିଣିଥିବା ସ୍ଥିତିବାନ ଜମିର ଖଜଣା, ପଥକର ଓ କିସମ ପରିବର୍ତ୍ତନ ବାବଦ ରାଜସ୍ୱ ସମ୍ପୃକ୍ତ ଆର୍‌ଆଇ ଆଦାୟ କରୁନାହାନ୍ତି । ନିୟମ ଅନୁଯାୟୀ ପଟ୍ଟା ଓ ଖଜଣା ପାଉତି ନ ଦର୍ଶାଇଲେ ବାସସ୍ଥାନ ପ୍ରମାଣପତ୍ର ମିଳିବ ନାହିଁ କିମ୍ବା ବ୍ୟାଙ୍କରୁ କୌଣସି ଋଣ କିମ୍ବା ସରକାରୀ ସାହାଯ୍ୟ ମିଳିପାରିବ ନାହିଁ । ଏତଦ୍‌ବ୍ୟତୀତ ଚକବନ୍ଦୀରୁ ପଟ୍ଟା ପାଇଥିବା ଜମି ମାଲିକମାନେ ସମାନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ପୂର୍ବରୁ ଯାଜପୁର ଜିଲାପାଳଙ୍କୁ ମୌଜାବାସୀ ଦାବିପତ୍ର ଦେଇଆସୁଛନ୍ତି। ଘରବାଡ଼ି ନିର୍ମାଣ କରି ରହିଥିବା ସ୍ଥିତିବାନ ଜମିର ଖଜଣା ଆଦାୟ କରିବା ସହ କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିବା ଜମି ମାଲିକଙ୍କଠାରୁ ରାଜସ୍ୱ ଆଦାୟ କରିବାକୁ ବୁଦ୍ଧିଜୀବୀ ସଂଘ ପକ୍ଷରୁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି। ଫଳରେ ସାଢ଼େ ତିନିଶହ ପରିବାରର ସଦସ୍ୟ ବାସସ୍ଥାନ ପ୍ରମାଣପତ୍ର ପାଇ ପାରିବେ ବୋଲି ସଂଘ କହିଛି।



ମାଆ ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ ୨୫ ଦିନରେ ପିତା,ପୁତ୍ରଙ୍କ ଦେହାନ୍ତ

ପାରାଦୀପ,୧୮।୯(ସ୍ୱ.ପ୍ର.): ପାରାଦୀପ ଥାନା ଅନ୍ତର୍ଗତ ଟର୍ମିନାଲ ରାସ୍ତାର ତେଲଟାଙ୍କି ପାଖରେ ଗତ ୧୫ ତାରିଖରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ବିଜୁ ମେମୋରିଆଲ ହସ୍‌ପିଟାଲ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ବାଉରିଆ ପାଳନ୍ଦା ବସ୍ତିର ବାବୁ ନାୟକ (୨୭)। ସେ ଏକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣା ଘଟିଥିଲା। ସୂଚନାଯୋଗ୍ୟ, ବାବୁଙ୍କ ପିତା ସନ୍ତୋଷ ନାୟକଙ୍କର ଗତ ୨୫ ଦିନ ତଳେ ମୃତ୍ୟୁ ଘଟିଥିଲା। ସନ୍ତୋଷ ଇଫ୍‌କୋ ସାର ବୋଝେଇ କାମରେ ଶ୍ରମିକ ଭାବେ ନିୟୋଜିତ ଥିଲେ। ବାପାଙ୍କ ମୃତ୍ୟୁ କାଳୀନ ବୀମା ଓ ଅନ୍ୟ କାଗଜପତ୍ର କାମରେ ମେଡିକାଲ ଓ ଥାନାରୁ କାମ ସାରି ବାବୁ ଫେରିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ମାତ୍ର ୨୫ ଦିନ ମଧ୍ୟରେ ପିତା ଓ ପୁତ୍ରଙ୍କ ମୃତ୍ୟୁ ଘଟିବା ବାଉରିଆ ପାଳନ୍ଦା ବସ୍ତିରେ ଶୋକାକୂଳ ପରିବେଶ ସୃଷ୍ଟି କରିଛି।

### ମୋଟର ଚାଳକ ସଂଘ ପକ୍ଷରୁ ଚାଳକ ଦିବସ

ବାଲିକୁଦା,୧୮।୯(ସ୍ୱ.ପ୍ର.): ଓଡିଶା ମୋଟର ଚାଳକ ସଂଘ ବାଲିକୁଦା ଶାଖା ପକ୍ଷରୁ ସୋମବାର ଚାଳକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିକୁଦା ଶାଖା ସଭାପତି ଶେଖ୍ ସଫିଉଲ୍ଲାଙ୍କ ଅଧ୍ୟକ୍ଷତାରେ ଏକ ଉତ୍ସବ କରାଯାଇଥିଲା। ଏଥିରେ ଅତିଥି ବାବେ ରଘୁନନ୍ଦନ ଦାସ ଯୋଗଦେଇ ଉତ୍ସବରେ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ସାଙ୍ଗଠନିକ ସମ୍ପାଦକ ସିଦ୍ଧେଶ୍ୱର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶୋଭାଯାତ୍ରାରେ କୋଷାଧ୍ୟକ୍ଷ ଅଭୟ କୁମାର ଗୋଚ୍ଛାୟତ, ଉପସଭାପତି ବିକ୍ରମଜିତ୍ ପଣ୍ଡା, ସମ୍ପାଦକ କମଳଲୋଚନ ସେନାପତି, ଅନନ୍ତ ସାହାଣି, ସହ କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମଲ୍ଲିକ, କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ବାରିକ, ଉପେନ୍ଦ୍ର ଓଝା, ଗଣେଶ ପରିଡା, ବାବାଜୀ ପଡିହାରି, ହୃଷିକେଶ ଜେନା, ଶରତ ମଲ୍ଲିକ, ଅରୁଣ କୁମାର ମଲ୍ଲିକ, ପଞ୍ଚାନନ ବାଗ୍, ନିତ୍ୟାନନ୍ଦ ମଲ୍ଲିକ, ଦୀପକ ସ୍ୱାଇଁ, ଦୀପକ ବାରିକ, ଜିତେନ୍ଦ୍ର ଦାସ, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ମନସା ଦେବୀଙ୍କ ବାର୍ଷିକ ଉତ୍ସବ

ଏରସମା,୧୮।୯(ସ୍ୱ.ପ୍ର.):ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ କାଙ୍କଣ ଗ୍ରାମରେ ସୋମବାର ଅଶୋକ ବେରା ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ମା' ମନସା ଦେବୀଙ୍କ ୨୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି ବ୍ଲକ ସଭାପତି ତଥା ଏମପିଙ୍କ ପ୍ରତିନିଧି ପୀତବାସ ଗଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟ ଅତିଥି, ଏମପି ଡା. କୁଳମଣୀ ସାମଲ ବରେଣ୍ୟ ଅତିଥି ଓ ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସେଠୀ, ପଏଦା ସରପଞ୍ଚ ପ୍ରଦୀପ୍ତ କିଶୋର ପରିଡା, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ଇତିଶ୍ରୀ ଭୂୟାଁ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଳପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ବସନ୍ତ ମଞ୍ଜରୀଙ୍କୁ ବୁଦ୍ଧଦେବ ସମ୍ମାନ

ତିର୍ତ୍ତୋଲ,୧୮।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ସାଗବାରିଆସ୍ଥିତ 'ସୁଶ୍ରୀ ଶୁଭଶ୍ରୀ'ର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସଙ୍କୁ ବୁଦ୍ଧଦେବ ସମ୍ମାନରେ ସମ୍ମାନିତ କରାଯାଇଛି। ଧନୁଯାତ୍ରା କଳାକାର ସଂଘ ଆନୁକୂଲ୍ୟରେ ବରଗଡର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ନୂଆଖାଇ ଭେଟଘାଟର ଦ୍ୱିତୀୟ ଦିବସରେ ଧନୁଯାତ୍ରାର ନିର୍ଦ୍ଦେଶକ ସ୍ୱର୍ଗତ ବୁଦ୍ଧଦେବ ପ୍ରଧାନଙ୍କ ସ୍ମୃତିରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ପ୍ରୀତମ ସିଂ, ବରଗଡ ଧନୁଯାତ୍ରାର କଂସ ଭୂମିକାରେ ଅଭିନୟ କରୁଥିବା କଳାକାର ଭୁବନେଶ୍ୱର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ସାହିତ୍ୟିକ ନଗେନ୍ଦ୍ର ନାଥ ସ୍ୱାଇଁଙ୍କୁ ତାଙ୍କ ସାହିତ୍ୟ କୃତି ପାଇଁ ସମ୍ମାନିତ କରାଯାଇଥିଲା। ସାହିତ୍ୟିକା ତପସ୍ୱିନୀ ଗୁରୁ, ସଙ୍ଗିତା ଷଡଙ୍ଗୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦୟାନିଧି ପ୍ରଧାନ, କନକଲତା ପ୍ରଧାନ ଓ ଜଗଦାନନ୍ଦ ମିଶ୍ର ଜାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।।

## ହାଜତରେ ଯୁବକଙ୍କୁ ନିଷ୍ଠୁର ଭାବେ ପିଟିବା ଘଟଣା

# ୨ ପୋଲିସଙ୍କୁ ନିଲମ୍ବନ କଲେ ଏସ୍‌ପି

ଜଗତ୍‌ସିଂହପୁର ଅଫିସ,୧୮।୯

ଜଗତ୍‌ସିଂହପୁର ଥାନା ଓଡ଼ିଶୋ ପଞ୍ଚାୟତର ସରପଞ୍ଚଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ ପୋଲିସ ଲିଙ୍ଗରାଜ ଦାସ ନାମକ ଜଣେ ଯୁବକଙ୍କୁ ଗତ ୧୨ ତାରିଖରେ ଥାନାକୁ ଆଣି ନିଷ୍ଠୁର ଭାବେ ପିଟିଥିଲା। ଏଥିରେ ଲିଙ୍ଗରାଜ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଲିଙ୍ଗରାଜଙ୍କ ପିତା ବିଜୟ କୁମାର ଦାସ ସୋମବାର ଏସ୍‌ପି ପ୍ରକାଶ ଆର୍‌ଙ୍କୁ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଥିଲେ। ମାମଲାର ଗୁରୁତ୍ୱ ଦୃଷ୍ଟିରୁ

ଏସ୍‌ପି ୩ ଜଣ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ୨ଙ୍କୁ ମଙ୍ଗଳବାର ନିଲମ୍ବନ କରିଛନ୍ତି। ସେମାନେ ହେଲେ ଏଏସ୍‌ଆଇ ରବୀନ୍ଦ୍ରନାଥ ସେନାପତି ଓ ଓଏପିଏଫ୍ (ଓଡ଼ିଶା ଅକ୍‌ଜିଲାରୀ ପୋଲିସ ଫୋର୍ସ) ଶିବ ଜାନି। ଅନ୍ୟତମ ଅଭିଯୁକ୍ତ ତଥା ସିଏସ୍‌ଆଇ ରଶ୍ମି ରଞ୍ଜନ ମଲ୍ଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯେହେତୁ ସେ କ୍ୟାଡେଟ୍ ଏସ୍‌ଆଇ (ସବ୍ ଇନ୍ସପେକ୍ଟର) ଏବଂ କ୍ଷେତ୍ର ତାଲିମରେ ଅଛନ୍ତି ତେଣୁ ତାଙ୍କ ଉପରେ ଭୁବନେଶ୍ୱରସ୍ଥିତ ବିପିଏସ୍‌ପିଏ (ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ) ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ। ଏଚ୍‌ଆର୍‌ପିସି (ହ୍ୟୁମାନ ରାଇଟ୍ସ ପ୍ରୋଟେକ୍ସନ୍ ସେଲ୍) ଡିଏସ୍‌ପି ବାମଦେବ ସିଂହଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେ ରିପୋର୍ଟ ଦେଲା ପରେ ଏହାକୁ ବିପିଏସ୍‌ପିଏ ପଠାଯିବ। ଏହା ପରେ ଯାଇ ମଲ୍ଲିକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ରଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଆଇଆଇସିଙ୍କ ନିର୍ଦ୍ଦେଶରେ ପୋଲିସ ବାବୁମାନେ ଲିଙ୍ଗରାଜଙ୍କୁ ତାଙ୍କ ଘରୁ ଉଠାଇ ଆଣିଥିଲେ। ଏବେ ଲିଙ୍ଗରାଜଙ୍କୁ ମାଡ ହେବା ଖବର ସେ ଜାଣି ନ ଥିବା କହୁଛନ୍ତି। ସମ୍ପୃକ୍ତ ଯୁବକଙ୍କୁ ମାଡ଼ ହେବା କଥା ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହୋଇଛି। ପୋଲିସର ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଲୋକେ ଥାନା ଘେରାଉ ପାଇଁ ଯୋଜନା କରୁଥିବାବେଳେ ଆଇଆଇସି କିଛି ଜାଣି ନ ଥିବା ପ୍ରଥମେ କହିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଅଭିଯୋଗ ପହଞ୍ଚିଲେ ସେ ଚିନ୍ତା କରିବେ ବୋଲି ମନ୍ତବ୍ୟ ଦେଇଥିଲେ। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆଇନରେ ଏକଥା ଅଛି, କେହି ଅସୁବିଧାରେ ପଡି ଫୋନ୍‌ରେ ଅଭିଯୋଗ କଲେ ମାମଲା ରୁଜୁ ହୋଇପାରିବ। ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ପୋଲିସ ନିଜଆଡୁ ମାମଲା ରୁଜୁ କରି ତଦନ୍ତ କରିପାରିବ। ଯେଉଁଠି ପୋଲିସ ହାଜତ ଭିତରେ ଆଚରଣବିଧି ଉଲ୍ଲଙ୍ଘନ କରି ନିଷ୍ଠୁର ଭାବରେ ଜଣେ ଯୁବକଙ୍କୁ ପିଟିଛି, ସେ କ୍ଷେତ୍ରରେ ଆଇଆଇସି କିପରି ଜାଣିପାରିଲେ ନାହିଁ ତାହା ସନ୍ଦେହକୁ ବହୁଗୁଣିତ କରିଛି। ଥାନାରେ ଯେ କୌଣସି ଘଟଣା ଘଟିବ ଆଇଆଇସିଙ୍କ ମୁଣ୍ଡରେ ଯିବ। ହାଜତ ଭିତରେ ଅମାନୁଷିକ ଆକ୍ରମଣ ଘଟଣାରେ ଆଇଆଇସିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କୁ ପକ୍ଷଭୁକ୍ତ କରାଯାଇନାହିଁ। ଏ ସମ୍ପର୍କରେ କେତେଜଣ ଆଇନଜୀବୀ ସେମାନଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆଗକୁ ଏହି ମାମଲାରେ ସେମାନେ ଓଡ଼ିଶା ହ୍ୟୁମାନ ରାଇଟ୍‌ସ ପ୍ରୋଟେକ୍ସନ୍ ସେଲ୍, ପୋଲିସ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ଏପରି କି ଆବଶ୍ୟକ ପଡିଲେ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିବାକୁ ପଛାଇବେ ନାହିଁ।



ଏଏସ୍‌ଆଇ ରବୀନ୍ଦ୍ର ନାଥ ସେନାପତି



ଓଏପିଏଫ୍ ଶିବ ଜାନୀ

■ଅନ୍ୟ ଜଣଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ

■ଆଇଆଇସିଙ୍କୁ ପକ୍ଷଭୁକ୍ତ କରିବାକୁ ଦାବି





ବିଜେଡି କାର୍ଯ୍ୟାଳୟରେ ଲାଗିଥିବା ବ୍ୟାନରରେ ଦାମଙ୍କ ଫଟୋ।

## ଏବେ ବି ବିଜେଡି କାର୍ଯ୍ୟାଳୟରେ ଦାମଙ୍କ ଫଟୋ

ପାରାଦୀପ,୧୮।୯(ସ୍ୱ.ପ୍ର.)

ପାରାଦୀପ ବିଧାୟକ ତଥା ବରିଷ୍ଠ ନେତା ଦାମୋଦର ରାଉତଙ୍କୁ ଗତ ୧୨ ତାରିଖରୁ ବିଜେଡିରୁ ବହିଷ୍କାର କରାଯାଇଛି। ଏହା ମଧ୍ୟରେ ୧ ସପ୍ତାହ ଅତିକ୍ରାନ୍ତ କରିଥିଲେ ହେଁ ବିଜେଡି ଶିବିରରେ ଦାମଙ୍କ ଫଟୋ ଶୋଭାବର୍ଦ୍ଧନ କରୁଛି। ଖୋଦ୍ ପାରାଦୀପ ବିଜେଡି କାର୍ଯ୍ୟାଳୟରେ ଏହା ଦେଖିବାକୁ ମିଳିଛି। ନୂଆବଜାରସ୍ଥିତ ବିଜେଡି କାର୍ଯ୍ୟାଳୟ ବାହାରେ ଲାଗିଥିବା ଏକ ବୋର୍ଡରେ ଦାମଙ୍କ ଫଟୋ ରହିଛି। ଏହି ବୋର୍ଡରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଶଙ୍ଖଚିହ୍ନ ମଝିରେ ଦାମଙ୍କ ଫଟୋ ରହିଛି। ବିଜେଡିର ସେହି ଚାଳ ଘର ଅଫିସକୁ ସାଧାରଣତଃ କେହି ଯାଆନ୍ତି ନାହିଁ। ଦଳର ସମସ୍ତ ପ୍ରକାର ରଣନୀତି ଓ କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ଚାଲେ। ନିର୍ବାଚନ ସମୟରେ ବେଳେବେଳେ ଏଠାକୁ ନେତା ଓ କର୍ମୀମାନେ ଯାଇଥାନ୍ତି। ଏ ସମ୍ପର୍କରେ ଦଳର ସ୍ଥାନୀୟ ଜଣେ ଆଗଧାଡିର ନେତା କହିଛନ୍ତି ଯେ ଉକ୍ତ ଫଟୋ ଅଗୋଚରରେ ରହିଯାଇଛି। ତୁରନ୍ତ ତାହାକୁ ପରିବର୍ତ୍ତନ କରାଯିବ।

## ବ୍ଲକ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା



ବିଧାୟିକା ରାଜଶ୍ରୀ ମଲିକ ନିଜ ସମର୍ଥକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ଭେଟୁଛନ୍ତି।

ବିରିଡି,(ଡି.ଏନ.ଏ.)/ବାଲିଆ,୧୮।୯

୨୦୧୪ ସାଧାରଣ ନିର୍ବାଚନ ପରେ ବିରିଡି ବ୍ଲକ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଲୋକାଭିମୁଖି ପ୍ରକଳ୍ପ ଏବଂ ବିଧାୟକ ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରିବାକୁ ସ୍ୱାଗତ କରି ବ୍ଲକ ବିଜୁ ଜନତା ଦଳ କର୍ମୀମାନେ ମଙ୍ଗଳବାର ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକଙ୍କ ନେତୃତ୍ୱରେ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ବିଜୁ ସେତୁ ଯୋଜନା ଓ ସଡ଼କ ଦ୍ୱାରା ଏହି ବ୍ଲକର ଜନସାଧାରଣଙ୍କ ଯାତାୟତ ସୁଗମ ହେବା ସହ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି। ବିଧାୟିକାଙ୍କ ସହ ପୂର୍ବତନ ବ୍ଲକ ବିଜେଡି ସଭାପତି ବିଭୁଦତ୍ତ ସାହୁ, ଜିଲ୍ଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ, ବରିଷ୍ଠ ବିଜେଡି ନେତା କାଳନ୍ଦୀ ଚରଣ ବସ୍ତିଆ, ଶିବପ୍ରସାଦ ଜେନା, ରବିନ୍ଦ୍ର ସାହୁ, ପ୍ରବିର ଦାସ ପ୍ରମୁଖ ଶତାଧିକ ମହିଳା ଓ ପୁରୁଷ କର୍ମୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

## ନିର୍ବାଚନ ବୁଥ ପରିବର୍ତ୍ତନକୁ ବିରୋଧ

ବାଲିକୁଦା,୧୮।୯(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ତଣ୍ଡିକୁଳ ପଞ୍ଚାୟତ ପୁରୁଷୋତ୍ତମପୁର ଓ ବ୍ରହ୍ମପୁର ଗାଁର ଭୋଟ ଗ୍ରହଣ କେନ୍ଦ୍ର ପୂର୍ବରୁ ପୁରୁଷୋତ୍ତମପୁର ପ୍ରାଥମିକ ବିଦ୍ୟାଳୟରେ ହେଉଥିଲା। ଏବେ ଏହାକୁ ବଦଳାଇ ବସନ୍ତପୁର ପ୍ରାଥମିକ ବିଦ୍ୟାଳୟକୁ ନୂତନ ଭୋଟଦାନ କେନ୍ଦ୍ର ଭାବେ ନିଆଯାଇଛି। ଏହା ଜଣାପଡିବା ପରେ ପୁରୁଷୋତ୍ତମପୁର ଓ ବ୍ରହ୍ମପୁର ଗାଁର ଭୋଟର ଓ ଜନସାଧାରଣ ଏହାକୁ ବିରୋଧ କରିଛନ୍ତି। ଏହି କେନ୍ଦ୍ରକୁ ପରିବର୍ତ୍ତନ କରାଯାଇ ପୂର୍ବରୁ ଥିବା ଭୋଟ ଗ୍ରହଣ କେନ୍ଦ୍ରକୁ ବଳବତ୍ତର ରଖିବାକୁ ସେମାନେ ଦାବି ଜଣାଇଛନ୍ତି। ଏ ସମ୍ପର୍କିତ ଏକ ଦରଖାସ୍ତ ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ରାଜ୍ୟ ନିର୍ବାଚନ କମିଶନ, ବାଲିକୁଦା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ କଲ୍ୟାଣି ପଟ୍ଟନାୟକ ଓ ଜିଲାପାଳ ୟାମିନୀ ଷଡଙ୍ଗୀଙ୍କୁ ଗ୍ରାମବାସୀ ପ୍ରଦାନ କରିଛନ୍ତି। ଦାବି ପୂରଣ ନ ହେଲେ ଆସନ୍ତା ସାଧାରଣ ନିର୍ବାଚନକୁ ଗ୍ରାମବାସୀ ବର୍ଜନ କରିବେ ବୋଲି ଗାଁର ବୃନ୍ଦାବନ ସ୍ୱାଇଁ, ବିଦ୍ୟାଧର ସାହୁ, ବିଭୂତି ଭୂଷଣ ସ୍ୱାଇଁ, ଶୈଳବାଳା ସ୍ୱାଇଁ, ମାତା ଦାସ, ଚାରୁଲତା ପଣ୍ଡା, ଗ୍ରାମ୍ୟ କମିଟି ସଭ୍ୟ ପ୍ରଫୁଲ କୁମାର ସାହୁ ଓ ବିପିନ ସାହୁ, ସନାତନ ଦାସ, ରଶ୍ମିରଞ୍ଜନ ସ୍ୱାଇଁ, ଅଜୟ ନାୟକ, ସବିତା ନାୟକ, ଅଶୋକ ନାୟକ, ଶେଖର ସୁମନ ବାରିକ, ଲକ୍ଷ୍ମୀଧର ବାରିକ, ରଶ୍ମିରେଖା ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ରେଡୁଆ ମଜୁରାଇରେ ଡେଙ୍ଗୁ ନିରାକରଣ ପାଇଁ ସଚେତନତା



ଗ୍ରାମବାସୀଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଯାଉଛି।

ରଘୁନାଥପୁର, ୧୮।୯( ଡି.ଏନ.ଏ.)

ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରେଡୁଆ ମଜୁରାଇ ଗାଁର ଜଣେ ମହିଳାଙ୍କ ରକ୍ତ ନମୁନାରେ ଡେଙ୍ଗୁ ପଜେଟିଭ ବାହାରିଛି। ଏହା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ମେଡିକାଲ ଟିମ୍ ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରିବା ପରେ ମଙ୍ଗଳବାର ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଟିମ୍ ଗାଁରେ ବିଭିନ୍ନ ସ୍ଥାନକୁ ଯାଇ ଲୋକଙ୍କୁ ସଚେତନ କରାଇଛନ୍ତି। ଘର ଚତୁଃପାର୍ଶ୍ୱ ପରିବେଶକୁ ସଫା କରିବା ସହ ଅଦରକାରୀ ଭାବେ ପଡି ରହିଥିବା ଡବା, ଟାୟାର, ତଥା ହାଣ୍ଡିମାଠିଆରେ ଜମି ରହିଥିବା ପାଣିକୁ ନଷ୍ଟ କରାଯାଇଛି। ଏହାଛଡା ଡେଙ୍ଗୁ ରୋଗର ଲକ୍ଷଣ ଓ ରୋଗ କେଉଁ ମଶାରୁ ଉତ୍ପନ୍ନ ହୁଏ ସେ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି। ଯଦି କୌଣସି ବ୍ୟକ୍ତିଙ୍କ ଶରୀରରେ ଏହି ଲକ୍ଷଣ ଦେଖାଯାଏ ତୁରନ୍ତ ଆସୁଥିବା ମେଡିକାଲ ଟିମ୍ ଅଙ୍ଗନୱାଡି ଓ ଆଶା କର୍ମୀଙ୍କୁ ଜଣାଇବାକୁ ବ୍ଲକ ସ୍ୱାସ୍ଥ୍ୟ ଶିକ୍ଷା ସମ୍ପ୍ରସାରଣ ଅଧିକାରୀ ରାନୁ ମହାପାତ୍ର ଗ୍ରାମବାସୀଙ୍କୁ ପ୍ରକାଶ କରିଥିଲେ। ପର୍ଯ୍ୟାୟକ୍ରମେ ଅପରିଷ୍କାର ସ୍ଥାନ ଓ ମଶା ବଂଶ ଉତ୍ପତ୍ତି ସ୍ଥଳରେ ମଶା ତେଲ ପକାଯିବାର ବ୍ୟବସ୍ଥା ହୋଇଛି ବୋଲି ପ୍ରକାଶ କରିଥିଲେ। ଟିମ୍‌ରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ, ସ୍ୱାସ୍ଥ୍ୟ ବିଭାଗ ସୁପରଭାଇଜର ବସନ୍ତ କୁମାର ବିଶ୍ୱାଳ, ମହେଶ୍ୱର ମଲ୍ଲିକ, ସ୍ୱାସ୍ଥ୍ୟକର୍ମୀ ଦୀପକ କୁମାର ସାହୁ ଓ ଅଞ୍ଜନା ଦାସ, ଅଙ୍ଗନୱାଡି କର୍ମୀ ଚିନ୍ମୟୀ ମହାପାତ୍ର ଓ ଆଶା କର୍ମୀ ରଞ୍ଜିତା ସ୍ୱାଇଁ ସାମିଲ ଥିଲେ।

## ପଙ୍କପାଳରେ ଯୁବକ ସଂଘ ପକ୍ଷରୁ ବିକାଶ ଦିବସ

କୁଜଙ୍ଗ,୧୮।୯(ସ୍ୱ.ପ୍ର.)

ପଙ୍କପାଳସ୍ଥିତ ଶ୍ରୀଗଣେଶ ଯୁବକ ସଂଘ ପକ୍ଷରୁ ପଙ୍କପାଳ ଅଙ୍ଗନୱାଡି କେନ୍ଦ୍ର ପରିସରରେ ସୋମବାର ବିକାଶ ଦିବସ ପାଳିତ ହୋଇଛି। ଏଥିରେ ନାରୀ ଶକ୍ତି ଟ୍ରଷ୍ଟର ମୁଖ୍ୟ ପରିଚାଳିକା ମିସ୍ ଅନୁପମା ମୁଖ୍ୟ ଅତିଥି, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମାଜ ଗଠନରେ ଯୁବ ବର୍ଗଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ସମିତିସଭ୍ୟ ଅକ୍ଷୟ କୁମାର ସାହୁ, ଶ୍ରୀଗଣେଶ ଯୁବକ ସଂଘ ସଭାପତି ସଞ୍ଜୟ ସ୍ୱାଇଁ(ଜଗା), ସମ୍ପାଦକ ସାଗର କୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଛାତ୍ରନେତା ଅବିନାଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜମୁଛି ବିଶ୍ୱକର୍ମା ପୂଜା, ମନମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

ପାରାଦୀପ,୧୮।୯(ସ୍ୱ.ପ୍ର.)

ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜାର ମଙ୍ଗଳବାର ଦ୍ୱିତୀୟ ଦିବସରେ ପ୍ରବଳ ଜନସମାଗମ ହୋଇଛି। ପୂର୍ବାହ୍ନ ୧୧ଟାରୁ ରାତି ୯ଟା ପର୍ଯ୍ୟନ୍ତ ପୂଜା ମଣ୍ଡପ ଅଞ୍ଚଳରେ ଗହଳି ଲାଗିରହିଥିଲା। ପାଗ ଅନୁକୂଳ ଥିବାରୁ ଥାନା ଛକଠାରୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଦର୍ଶକଙ୍କ ଭିଡ଼ ହୋଇଥିଲା। ରଙ୍ଗବେରଙ୍ଗର ଆଲୋକମାଳା, ତୋରଣ ସାଜସଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତେ ମନଭରି ଉପଭୋଗ କରୁଛନ୍ତି। ପ୍ରତି ପୂଜା ମଣ୍ଡପ ପାଖରେ ମେଲୋଡି ପରିବେଷଣ ହେଉଛି। ପୂଜା ମଣ୍ଡପ ବ୍ୟତିରେକ ସମୁଦ୍ର ବେଳାଭୂମିରେ ମଧ ଭିଡ଼ ହେଉଛି। ବତୀଘର ଛକଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଭର୍ତ୍ତି ହୋଇଛି। ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଜିଲାରୁ ଲୋକେ ଗାଡି ଭଡ଼ା କରି ପୂଜା ଦେଖିବାକୁ ଆସୁଛନ୍ତି। ମଙ୍ଗଳବାର ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରୁ ବାବା ବିଶ୍ୱନାଥ ଡମ୍ଫର ମାଲି ସଂଘର ଭଜନ କାର୍ଯ୍ୟକ୍ରମ ବେଶ୍ ହୃଦୟସ୍ପର୍ଶୀ ହୋଇଛି। ବ୍ରହ୍ମପୁରର ଏହି ଭଜନ ଗ୍ରୁପ୍‌ରେ କେବଳ ଦୃଷ୍ଟିହୀନମାନେ ସଙ୍ଗୀତ ପରିବେଷଣ କରିଥିଲେ।









ବିଶ୍ୱକର୍ମା ପୂଜା ଉପଲକ୍ଷେ ହୋଇଥିବା କଳସ ଯାତ୍ରା ଓ କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

## ସ୍ୱଚ୍ଛତା ପାଇଁ ଶପଥ ନେଲା ଯୁବ ସଂଗଠନ

ଏରସମା,୧୬।୯(ସ୍ୱ.ପ୍ର.)

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତସ୍ଥିତ କାଙ୍କଣ ଗ୍ରାମର ମହାବୀର ଯୁବକ ସଂଘ ପକ୍ଷରୁ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରିବାକୁ ଶପଥ ଗ୍ରହଣ କରାଯାଇଛି। ଏହି ଅବସରରେ ସଂଘ ସଭାଗୃହରେ ସଭାପତି ସୁଶାନ୍ତ କୁମାର ମାଇତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗ୍ରାମର ମୁଖ୍ୟ ବୃନ୍ଦବନ ମାଇତି, ରବୀନ୍ଦ୍ର ଗିରି, ସୁକୁମାର ଜେନା, ହେମନ୍ତ ଗିରି, ପରିମଳ ମିର୍ଦ୍ଧା, ବାଚସ୍ପତି ପ୍ରଧାନ, ଦୀପକ ଜେନା ପ୍ରମୁଖ ଯୋଗଦେଇ ପରିମଳ ଦୃଷ୍ଟିରୁ ପଞ୍ଚାୟତରେ କିପରି ସ୍ୱଚ୍ଛତା ବଜାଇ ରଖିହେବ ସେଥିପାଇଁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ପୃକ୍ତ ପଞ୍ଚାୟତର ତ୍ରିଶକ୍ତି, ଗଙ୍ଗାମାତା ଓ ମହାବୀର ଏସଏଚଜିର ମହିଳାମାନେ ଯୋଗ ଦେଇଥିଲେ। ସଂଘର କର୍ମକର୍ତ୍ତା ଜଗନ୍ନାଥ ମାଇତି, ପ୍ରତାପ ପ୍ରଧାନ, ସୀତାରାମ ଜେନା, ପ୍ରଭାଂଶୁ ଓଝା, ସାଗର ମାଇତି, ଦୀପକ ମାଇତି ପ୍ରମୁଖ ଯୋଗ ଦେଇ ଘର ଘର ବୁଲି ପାଇଖାନା ବ୍ୟବହାର କରିବା ପାଇଁ ବୁଝାଇବା ସହିତ ମଶା ମାଛି ଦାଉରୁ ରକ୍ଷା ପାଇବା ଓ ଗାଁ ପରିମଳ ସଫାସୁତରା ରଖିବା ପାଇଁ ସଚେତନତା ସୃଷ୍ଟି କରିଥିଲେ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୧୯/୨୦୧୮ Bhubaneswar, Wednesday, September 19/ 2018

# ଅନ୍ତୁଡ଼ିଶାଳରେ ଅସୁରକ୍ଷିତ ଅଲିଭ୍‌ରିଡ୍‌ଲେ

**ଭିତରକନିକାର ଭିତିରି କଥା**

- ନିଷିଦ୍ଧାଞ୍ଚଳ ବେଆଇନ ଲିଜ୍ ପାଇଁ କଳିଗୋଳ
- ବର୍ଷକୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଡିଲ

କେନ୍ଦ୍ରାପଡ଼ା ଅଫିସ, ୧୮।୯

ସାମୁଦ୍ରିକ କଇଁଛ ଅଲିଭ୍‌ରିଡଲେଙ୍କ ଅନ୍ତୁଡିଶାଳ ଭାବେ ପରିଚିତ ଜାତୀୟ ଉଦ୍ୟାନ ଭିତରକନିକାସ୍ଥିତ ଗହୀରମଥା ଏବେ ଅସୁରକ୍ଷିତ ହୋଇପଡ଼ିଛି। ଗହୀରମଥାକୁ ନିରାପଦ ସ୍ଥାନ ଭାବି ଯୋଜନ ଯୋଜନ ପଥ ଅତିକ୍ରମ କରି ଅଲିଭ୍‌ରିଡଲେ କଇଁଛ ଏଠାକୁ ଅଣ୍ଡାଦାନ କରିବାକୁ ଆସିଥାନ୍ତି। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତି ବର୍ଷ ନଭେମ୍ବର ୧ରୁ ମେ ୩୧ ପର୍ଯ୍ୟନ୍ତ ଗହୀରମଥାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥାଏ।

ତେବେ ବନ ବିଭାଗ କର୍ତ୍ତୃପକ୍ଷ ନାମକୁ ମାତ୍ର ନିଷିଦ୍ଧାଞ୍ଚଳ ଘୋଷଣା କରି ଟ୍ରଲର ଆସୋସିଏଶନ ସହ କୋଟି କୋଟି ଟଙ୍କାର ଡିଲ କରୁଥିବା ଘଟଣା ମଙ୍ଗଳବାର ଚର୍ଚ୍ଚା ଜୋର୍ ଧରିଛି। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ବାଲେଶ୍ୱର ଟ୍ରଲର ମାଲିକଙ୍କ ମଧ୍ୟରେ କଳିଗୋଳ ପରେ ଏଭଳି ଘଟଣା ପଦାକୁ ଆସିଛି। ବାଲେଶ୍ୱର ଅଞ୍ଚଳର ୨୩୭ଟି ଟ୍ରଲର ଥିବା ଏକ ଆସୋସିଏଶନ ସହ ଡିଲ କରି ବନ ବିଭାଗ କର୍ତ୍ତୃପକ୍ଷ ଓ ସ୍ଥାନୀୟ କେତେଜଣ ରାଜନେତା ମାଲାମାଲ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହାକାଳପଡାର ଜନୈକ ମତ୍ସ୍ୟଜୀବୀଙ୍କ ସୂଚନା ଅନୁଯାୟୀ, ନିଷିଦ୍ଧାଞ୍ଚଳରେ ମାଛଧରା ଓ ସମୁଦ୍ର ମଝିରେ ମାଛହାଟ ପାଇଁ ପ୍ରତିବର୍ଷ ବାଲେଶ୍ୱର ଜିଲାର ଟ୍ରଲର ମାଲିକ ଅଧିକ ଟଙ୍କା ଦେଇ ବେଆଇନ ଲିଜ ନେଉଛନ୍ତି। ଆଗାମୀ ନଭେମ୍ବର ମାସ ପାଇଁ ଚଳିତ ମାସରୁ ବେଆଇନ ଲିଜ୍ ଆରମ୍ଭ ହୋଇଛି। ବାଲେଶ୍ୱର ଜିଲାର ଏକ ଟ୍ରଲର ଆସୋସିଏଶନ ମାଲିକମାନେ ୭୨ ଲକ୍ଷ ଟଙ୍କାରେ ଏହି ଡିଲ କରିଛନ୍ତି। ମାତ୍ର ଏହି ବେଆଇନ୍ ଲିଜ୍ ନେବାକୁ କେନ୍ଦ୍ର କରି କେନ୍ଦ୍ରାପଡ଼ା ଓ ପାରାଦୀପ ଅଞ୍ଚଳର ଟ୍ରଲର ଆସୋସିଏଶନ ମାଲିକଙ୍କ ମଧ୍ୟରେ ଟଣାଓଟରା ଲାଗିଛି। ଏଥିରେ ରାଜନେତାଙ୍କ ସହଯୋଗ ଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ସେକ୍ ଚାନ୍ଦ କୁହନ୍ତି, ପୂର୍ବରୁ ଚନ୍ଦ୍ରଭାଗା ଓ ହରଚଣ୍ଡୀ ମନ୍ଦିର ନିକଟରେ ଅଲିଭ୍‌ରିଡଲେଙ୍କୁ ଦେଖିବାକୁ ମିଳୁଥିଲା। ପରିବେଶ ନଷ୍ଟ ଓ ବେଆଇନ ଟ୍ରଲର ଚଳାଚଳ ଯୋଗୁ ୨୦୧୨ ପରଠାରୁ ଏଠାକୁ ଆଉ ଅଲିଭରିଡଲେଙ୍କ ଆଗମନ ହେଉନାହିଁ। ଗହୀରମଥାରେ ଚାଲୁଥିବା ଏହି ବେଆଇନ ଲିଜ୍ ଆଗାମୀ ଦିନରେ ଅଲିଭରିଡଲେଙ୍କ ଆସିବା ବାଟ ବନ୍ଦ କରିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ପରିବେଶବିତ୍ ଅଭିମନ୍ୟୁ ରାଉତ କୁହନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ବେଆଇନ ବସବାସ ଓ ଚିଙ୍ଗୁଡିଘେରି ପାଇଁ ଜୈବ ବିବିଧତା ନଷ୍ଟ ହେଉଥିବା ଦର୍ଶାଇ ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଛି। ଏପରିସ୍ଥଳେ ସମୁଦ୍ର ମଝିରେ ମାଛହାଟ ଓ ନିଷିଦ୍ଧାଞ୍ଚଳରେ ମାଛଧରା ଜିଲାର ବୃହତ୍ ପର୍ଯ୍ୟଟନ କ୍ଷେତ୍ରକୁ ନଷ୍ଟ କରିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଗହୀରମଥାକୁ ଆସୁଥିବା ଅଲିଭରିଡଲେ କଇଁଛଙ୍କ ସଂଖ୍ୟା ହ୍ରାସ ପାଉଥିଲେ ମଧ୍ୟ ବନବିଭାଗ ପକ୍ଷରୁ ପ୍ରକୃତ ତଥ୍ୟ ପ୍ରଦାନ କରାଯାଉନାହିଁ। ଅପରପକ୍ଷେ ଭିତରକନିକା ଓ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ମାଛଧରାକୁ ପ୍ରଶ୍ରୟ ଦିଆ ଯାଇନାହିଁ ବୋଲି ଡିଏଫ୍‌ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

# ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ଡେରାବିଶ, ୧୮।୯ (ସ୍ୱ.ପ୍ର.): ଡେରାବିଶ ବ୍ଲକ ଛୋଟି ପଞ୍ଚାୟତ ଅଧୀନ ଚକରଘୁନାଥପୁର ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାର ଅଗ୍ନିକାଣ୍ଡ ଘଟି ୩ବଖରା ଜଳିଯାଇଛି। ପ୍ରଥମେ ଗ୍ରାମର ସୁରେଶ ସାହୁଙ୍କ ଘରେ ଆକସ୍ମିକ ଭାବେ ନିଆଁ ଲାଗିଯାଇଥିଲା। ପରେ କିଶୋର କୁମାର ସାହୁଙ୍କ ଘରକୁ ନିଆଁ ବ୍ୟାପି ଯାଇଥିଲା। ଖବରପାଇ ଡେରାବିଶ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।






# ଅନୁପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

କେନ୍ଦ୍ରାପଡା ଅଫିସ, ୧୮।୯

କେନ୍ଦ୍ରାପଡ଼ା ଜିଲା ଶିକ୍ଷା ଅଧିକାରୀ ଡା. ଉଦୟନାଥ ମାଝି ବିଭିନ୍ନ ବ୍ଲକର ବିଦ୍ୟାଳୟ ମଙ୍ଗଳବାର ଅଚାନକ ପରିଦର୍ଶନ କରିଥିଲେ। ଏହି ସମୟରେ ବିନା ଅନୁମତିରେ ଅନୁପସ୍ଥିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିବା ବିଭାଗୀୟ କାର୍ଯ୍ୟାଳୟରୁ ସୂଚନା ମିଳିଛି। ପଟ୍ଟାମୁଣ୍ଡାଇ ବ୍ଲକ ବକ୍ତାରପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଗରିକା ଦାସଙ୍କ ଗୋଟିଏ ଦିନ ଦରମା ବନ୍ଦ ହୋଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜୟନ୍ତ ନାୟକଙ୍କୁ କାରଣ ଦର୍ଶାଅ ନୋଟିସ ହୋଇଛି। ଏହି ବ୍ଲକର ସରକାରୀ ବାଳିକା ହାଇସ୍କୁଲର ଶିକ୍ଷକ ଏସ୍.ପଣ୍ଡା, କ୍ଲର୍କ ତପସ୍ୱିନୀ ରାଉତଙ୍କ ଦରମା ବନ୍ଦ ହୋଇଥିବା ବେଳେ ପ୍ରଧାନଶିକ୍ଷକ ନରୋତ୍ତମ ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଛି। ଏଥିସହିତ ପଟ୍ଟାମୁଣ୍ଡାଇର ବକ୍ତାରପୁର ହାଇସ୍କୁଲ, ଚାନ୍ଦପୁରର ମହାବୀର ବିଦ୍ୟା ନିକେତନ, ଚନ୍ଦନନଗରର ଚନ୍ଦ୍ର ମଉଳୀ ବାଳିକା ହାଇସ୍କୁଲ, କେନ୍ଦ୍ରାପଡା ବ୍ଲକର କପାଳେଶ୍ୱରସ୍ଥ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ହାଇସ୍କୁଲ, ଗୁଲନଗର ବାଳିକା ହାଇସ୍କୁଲ ବନ୍ଦ ଥିବା ଦେଖି ଜିଲା ଶିକ୍ଷା ଅଧିକାରୀ ଡା. ମାଝି ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ରିପୋର୍ଟ ଦେଇଥିବା ଜଣାପଡିଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଭୋକ ହେଲେ ଖାଇବା ହେଉଛି ପ୍ରକୃତି, ଅନ୍ୟର ଖାଦ୍ୟ ପଦାର୍ଥକୁ ଛଡ଼ାଇ ଖାଇବା ବିକୃତି ଏବଂ ନିଜର ଭାଗକୁ ଦିନ ଦୁଃଖୀ, ଭୋକିଲାଙ୍କୁ ବାଣ୍ଟି ଦେବା ହେଉଛି ସଂସ୍କୃତି।
- ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ



## ସଂକ୍ଷେପରେ

### ଚିନିକଳ ଆଗରେ ଚାଷୀ ଓ କର୍ମଚାରୀଙ୍କ ଧାରଣା



**ନୟାଗଡ଼ ଅଫିସ,୧୮।୯:** ଦୀର୍ଘ ୪ବର୍ଷ ଧରି ବନ୍ଦ ହୋଇ ପଡ଼ିଥିବା ପାଣିପୋଇଲାସ୍ଥିତ ନୟାଗଡ଼ ଚିନିକଳ ଆଗରେ ମଙ୍ଗଳବାର ଚାଷୀ ଓ କର୍ମଚାରୀମାନେ ଧାରଣା ଦେଇଥିଲେ। ଚିନିକଳରେ କାର୍ଯ୍ୟକରୁଥିବା କର୍ମଚାରୀମାନଙ୍କ ବକେୟା ଟଙ୍କା, ଚାଷୀଙ୍କ ପ୍ରାପ୍ୟ ଟଙ୍କା ପ୍ରଦାନ ଦାବିରେ ଚାଷୀ ସଂଘ ଓ କର୍ମଚାରୀ ସଂଘ ତରଫରୁ ଏହି ଧାରଣା ଦିଆଯାଇଥିଲା। ବନ୍ଦ ହୋଇ ପଡ଼ିଥିବା ଚିନିକଳକୁ ତୁରନ୍ତ ଖୋଲିବା ପାଇଁ ସେମାନେ ଜିଲା ପ୍ରଶାସନକୁ ଦାବି କରିଛନ୍ତି।

### ଜିଲା ମହିଳା କଂଗ୍ରେସର ସାଂଗଠନିକ ପତାକା ଉତ୍ତୋଳନ



**ଦଶପଲ୍ଲା,୧୮।୯(ଡି.ଏନ.ଏ.):** ରାଜ୍ୟ ମହିଳା କଂଗ୍ରେସ ଅଧ୍ୟକ୍ଷା ସସ୍ମିତା ବେହେରାଙ୍କ ଆହ୍ୱାନ କ୍ରମେ ଜିଲା ମହିଳା କଂଗ୍ରେସ ଅଧ୍ୟକ୍ଷା ଉମାରାଣୀ ପାଣିଙ୍କ ନେତୃତ୍ୱରେ ମହିଳା କଂଗ୍ରେସର ପତାକା ଉତ୍ତୋଳନ କରାଯାଇଛି। ଦଶପଲ୍ଲା ବ୍ଲକର ବିଭିନ୍ନ ଜୋନରୁ ଆସିଥିବା ମହିଳା ନେତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ତ୍ରିନାଥ ବଜାର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ ଜିଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବେଣୁଧର ନାୟକ ଯୋଗଦେଇ ମହିଳାମାନଙ୍କ ସଶକ୍ତି କରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ନୟାଗଡ ଜିଲାର ପ୍ରତିଟି ପ୍ରାନ୍ତରେ ଏହି ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପ୍ରତି ମାସରେ କରାଯାଇ ମହିଳା ମାନଙ୍କୁ ସଂଗଠିତ କରାଯିବ ବୋଲି ସୂଚନା ଦିଆଯାଇଛି।

### ବରିଷ୍ଠ ନାଗରିକ ସଂଘ ବୈଠକ



**ଖଣ୍ଡପଡା,୧୮।୯ (ସ୍ୱ.ପ୍ର.):** ଖଣ୍ଡପଡା ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ସଂଘର ସାଧାରଣ ପରିଷଦ ବୈଠକ ମଙ୍ଗଳବାର ସ୍ଥାନୀୟ ଶୁଭମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରତ୍ନାକର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ସଂଘର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ସଂଘର ଏକ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ଆଲୋଚନା ହୋଇଥିଲା। ଏ ସମ୍ପର୍କରେ ଖଣ୍ଡପଡା ବିଧାୟକ ଓ ତହସିଲଦାରଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିନାୟକ ମିଶ୍ର, ଦାମୋଦର ଶତପଥୀ, ଭିକାରୀ ଖଣ୍ଡାୟତ, ରାମଚନ୍ଦ୍ର ମହାପାତ୍ର, ବୈକୁଣ୍ଠନାଥ ରାଜଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସଂଘର ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ସ୍ଥାନୀୟ ବିଧାୟକ ଅନୁଦାନ ମଞ୍ଜୁର କରିବାକୁ ପ୍ରତିଶ୍ରୁତି ଦେଇଥିବାରୁ ସଭ୍ୟମାନେ ତାଙ୍କୁ କୃତଜ୍ଞତା ଜଣାଇଥିଲେ।

# ପଞ୍ଚାୟତବାସୀଙ୍କ ରାସ୍ତା ଅବରୋଧ ନିଷ୍ପତ୍ତି

- ପ୍ରାଥମିକ ବିଦ୍ୟାଳୟରୁ ରେକର୍ଡପତ୍ର ଚୋରି ଘଟଣା
- ଅଭିଯୋଗ ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ

**ନୂଆଗାଁ,୧୮।୯ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ହରିପୁର ପ୍ରାଥମିକ ବିଦ୍ୟାଳୟରୁ ରେକର୍ଡପତ୍ର ଚୋରିହେବା ନେଇ ପରିଚାଳନା କମିଟି ପକ୍ଷରୁ ଓଡଗାଁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରିଥିଲେ ମଧ୍ୟ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ। ଏହାର ପ୍ରତିବାଦରେ ପଞ୍ଚାୟତ ଅଧୀନ ୪ ଗ୍ରାମର ବାସିନ୍ଦା ଗୁରୁବାର ଓଡଗାଁ-ବାହାଡାଝୋଲା ମୁଖ୍ୟ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଜିଲା ଆରକ୍ଷୀ ଅଧୀକ୍ଷକ ଓ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗତ କିଛିଦିନ ତଳେ ହରିପୁର ପ୍ରାଥମିକ ବିଦ୍ୟାଳୟରୁ ୧୯୫୩ରୁ ୨୦୦୧ ମସିହା ପର୍ଯ୍ୟନ୍ତ ଆଡମିଶନ ରେଜିଷ୍ଟର, ୧୯୫୩ରୁ ୨୦୧୬ ମସିହା ଯାଏ ବଳକା ଥିବା ଟିସି ଓ ସ୍କୁଲ ଲିଭିଙ୍ଗ ସାର୍ଟିଫିକେଟ, ୧୯୫୩ରୁ ୧୯୭୪ ମସିହା ଯାଏ ଛାତ୍ର ଉପସ୍ଥାନ ଖାତା,୧୯୫୩ରୁ ୧୯୭୬ ମସିହା ଯାଏ ପରୀକ୍ଷା ଫଳ ପ୍ରକାଶନ ରେଜିଷ୍ଟର ଚୋରି ହୋଇଯାଇଥିଲା। ଏ ନେଇ ସ୍କୁଲ ପରିଚାଳନା କମିଟି ତରଫରୁ ଓଡଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ଥାନା ପୋଲିସ କେବଳ କେସ ରୁଜୁ କରି ଚୁପହୋଇ ବସିଛି। ଅନ୍ୟ ଅଧିକାରୀମାନେ ମଧ୍ୟ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଅଭିଯୁକ୍ତଙ୍କୁ ଗିରଫ କରି ସ୍କୁଲ ରେକର୍ଡପତ୍ର ଫେରାଇଆଣିବା ନେଇ ଗ୍ରାମବାସୀଙ୍କ ତରଫରୁ ଅଗଷ୍ଟ ୬ ତାରିଖ ଓ ଅଗଷ୍ଟ ୨୦ ତାରିଖରେ ଅବଗତ କରାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଫଳରେ ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେଣୁ ଏହାର ପ୍ରତିବାଦରେ ଉକ୍ତ ପଞ୍ଚାୟତର ହରିପୁର, ଗୋପପୁର, ଜାମୁଝୋଲା ଓ ହାତିଆଶିଳା ଗ୍ରାମର ଗ୍ରାମବାସୀ ରାସ୍ତା ଅବରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଆସନ୍ତା ୨୦ ତାରିଖ ଗୁରୁବାର ସକାଳୁ ଓଡଗାଁ-ବାହାଡାଝୋଲା ମୁଖ୍ୟ ରାସ୍ତା ଅବରୋଧ କରିବା ପାଇଁ ଶତ୍ରୁଘ୍ନ ବାଡିଆ, ସତ୍ୟବାଦୀ ବେହେରା, ଦୁଃଖୀଶ୍ୟାମ ସାହୁ, ଦଣ୍ଡପାଣି ପ୍ରଧାନ, ହରି ପ୍ରଧାନଙ୍କ ସମେତ ସମସ୍ତ ଗ୍ରାମବାସୀ ଜଣାଇଛନ୍ତି।

# ଶାଳକାଠ ଜବତ, ୨ ଗିରଫ



ଶାଳକାଠ ଜବତ।

**ଓଡ଼ଗାଁ,୧୮।୯(ସ୍ୱ.ପ୍ର.)**

ନୟାଗଡ ଜିଲା ଓଡ଼ଗାଁ ବନାଞ୍ଚଳ କର୍ମଚାରୀମାନେ ସୋମବାର ବିଳମ୍ବିତ ରାତିରେ ବାଘୁଆ ଛକ ନିକଟରୁ ସାଇଜ ଶାଳକାଠ ସହିତ ୨ଜଣଙ୍କୁ ଗିରଫ କରିଛନ୍ତି। ସେମାନେ ହେଲେ ସ୍ଥାନୀୟ ଥାନା ରୋହିବାଙ୍କ ପଞ୍ଚାୟତ ହଳନ୍ଦାପଲ୍ଲୀର ପ୍ରଫୁଲ ନାହାକ(୩୨) ଓ ପ୍ରତାପ ନାୟକ (୪୫) । ଉଭୟେ ନିକଟସ୍ଥ ଜଙ୍ଗଲରୁ ଶାଳକାଠ କାଟି ସାଇଜ କରିବା ପରେ ସାଇକେଲରେ ବିଳମ୍ବିତ ରାତିରେ ଅନ୍ୟତ୍ର ଚାଲାଣ କରୁଥିବା ବେଳେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ହାବୁଡରେ ପଡିଥିଲେ । ସେମାନଙ୍କ ନିକଟରୁ ୨ଟି ସାଇକେଲ ସହ କାଠ ଜବତ କରାଯିବା ପରେ ସେମାନଙ୍କ ବିରୋଧରେ ବନ ବିଭାଗ ୫୪/୧୮-୧୯ ରେ ଏକ ମକଦ୍ଦମା ରୁଜୁ କରିଥିବା ସୂଚନା ଦେଇଛି। ଜବତ କାଠ ୬ ସିଏଫଟି ହୋଇଥିବା ବେଳେ ଏହାର ମୂଲ୍ୟ ୬ ହଜାର ଟଙ୍କା ହେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ସ୍ଥାନୀୟ ବନପାଳ ଜ୍ୟୋତିରଞ୍ଜନ ମାନସିଂଙ୍କ ସହିତ ବନରକ୍ଷୀ ମାନସ ରଞ୍ଜନ ମେହେର, ପବିତ୍ର କୁମାର ପରିଡା, ଅଶୋକ କୁମାର ମୁଦୁଲି ଓ ସନ୍ତୋଷ କୁମାର ପରିଡା ଚଢାଉରେ ସାମିଲ ହୋଇଥିଲେ । ଅନ୍ୟପକ୍ଷେ କାଠ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଛାଡି ଦେବାକୁ ରାଜନୈତିକ ଚାପ ପଡୁଥିବା ଆଲୋଚନା ହେଉଛି ।

# ଚମ୍ପତିପୁରଠାରେ ପିଏଚ୍ ନିର୍ମାଣ ଦାବିରେ ସ୍ୱାକ୍ଷର ଅଭିଯାନ

**ନୟାଗଡ଼ ଅଫିସ,୧୮।୯**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ନିର୍ମାଣ ହେବା ଦ୍ୱାରା ନୟାଗଡ଼ ଜିଲାରେ ରେଳସେବା ଉପଲବ୍ଧ ହୋଇଛି। ତେବେ ଜିଲାର ଇଟାମାଟି ନିକଟସ୍ଥ ଚମ୍ପତିପୁରଠାରେ ଏକ ପାସେଞ୍ଜର ହଲ୍‌ଟ (ପିଏଚ୍) ନିର୍ମାଣ ଦାବିରେ ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତି ତରଫରୁ ବିଭିନ୍ନ ସମୟରେ ଆନ୍ଦୋଳନ ଓ ଧାରଣା ଦିଆଯାଇ ଆସୁଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଚଳିତ ମାସ ୨୫ ତାରିଖରେ ନୟାଗଡ଼ ଟାଉନ ରେଳ ଷ୍ଟେଶନଠାରେ ୧୦ ଘଣ୍ଟିଆ ରେଳରୋକୋ କରାଯିବ। ଏହା ପୂର୍ବରୁ ମଙ୍ଗଳବାରଠାରୁ ସମିତିର ସଦସ୍ୟମାନେ ସ୍ୱାକ୍ଷର ଅଭିଯାନ ମାଧ୍ୟମରେ ଗ୍ରାମବାସୀଙ୍କଠାରୁ ଦସ୍ତଖତ ଆଣିଛନ୍ତି। ଏହି ଅଭିଯାନ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ସପ୍ତାହକ ମଧ୍ୟରେ





ଜଣେ ବ୍ୟକ୍ତିଙ୍କଠାରୁ ସ୍ୱାକ୍ଷର ନିଆଯାଉଛି ।

ଉକ୍ତ ପିଏଚ୍ ଦ୍ୱାରା ଉପକୃତ ହେବାକୁ ଥିବା ୧୫ଟି ପଞ୍ଚାୟତର ୧୦ ହଜାର ଲୋକଙ୍କଠାରୁ ସ୍ୱାକ୍ଷର ଅଣାଯିବ ବୋଲି ବାଲୁଙ୍କେଶ୍ୱର ରେଲୱେ ସଂଗ୍ରାମ ସମିତିର ସଭାପତି ମନୋଜ କୁମାର ସାହୁ ପ୍ରକାଶ କରିଛନ୍ତି। ମଙ୍ଗଳବାର ପ୍ରଥମ ଦିନରେ ଚମ୍ପତିପୁର ଓ ନାଟୁଗାଁ ପଞ୍ଚାୟତରୁ ଏକ ହଜାର ସ୍ୱାକ୍ଷର ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ଅନ୍ୟ ୧୩ଟି ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯିବ। ସଭାପତି ମନୋଜଙ୍କ ସମେତ ସମ୍ପାଦକ ନିରଞ୍ଜନ ସାଥୁଆ, ବିଶ୍ୱନାଥ ବରାଡ଼, ନିରଞ୍ଜନ ସାମନ୍ତରାୟ, ଅପର୍ତ୍ତି ବାଇ ପ୍ରମୁଖ ଏହି ସ୍ୱାକ୍ଷର ଅଭିଯାନରେ ସାମିଲ ହୋଇଥିଲେ।

## ରାସ୍ତା ଦୁରବସ୍ଥାକୁ ନେଇ ଜନ ଅସନ୍ତୋଷ

**ଖଣ୍ଡପଡା,୧୮।୯ (ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ବନମାଳୀପୁର ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମଠାରୁ ଶିମିଳିବାଙ୍କ ଛକ ଦେଇ ରାଣୀଛେଲ୍ଲୀ ଓ ଗୋହିରିଆପଡା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହାର ମରାମତି ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଉନ୍ନତୀକରଣ ନିମନ୍ତେ ବିଭିନ୍ନ ସମୟରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁ ରାସ୍ତା ଅବସ୍ଥା ସୁଧୁରୁ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୬ମାସ ତଳେ ଉକ୍ତ ରାସ୍ତାଟି ନୂଆକରି ପିଚୁ ହୋଇଥିଲା। ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ୍ ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ନିମ୍ନମାନର କାର୍ଯ୍ୟ ଯୋଗୁ ଅଳ୍ପଦିନ ମଧ୍ୟରେ ରାସ୍ତା ଦବିଯିବା ସହ ରାସ୍ତା ଉପରୁ ଗୋଡିଉଠିଯାଇ ଛୋଟବଡ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଯାନବାହନ ଚଳାଚଳ ଓ ସାଧାରଣ ଲୋକେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ପାଇପ କର୍ମଚାରୀଙ୍କ ଧାରଣା

**ଦଶପଲ୍ଲା,୧୮।୯(ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ସରିଗଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ନଳକୂପ ଏବଂ ପାଇପ୍ ମରାମତି ପାଇଁ ନିୟୋଜିତ ଥିବା କର୍ମଚାରୀଙ୍କୁ ଗତ ୬ମାସ ହେଲା ଦରମା ମିଳୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ସମ୍ପୃକ୍ତ କର୍ମଚାରୀମାନେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୬ମାସ ହେଲା ଦରମା ପ୍ରଦାନ କରାଯାଉନଥିବା ହେତୁ ପରିବାର ପ୍ରତିପୋଷଣରେ ବହୁସମସ୍ୟା ସୃଷ୍ଟିହେଉଛି। ତେଣୁ ଏହାର ପ୍ରତିବାଦରେ ସେମାନେ ଧାରଣା ଦେଇଛନ୍ତି। ଅନ୍ୟପକ୍ଷେ ସରପଞ୍ଚ ସତ୍ୟଭାମା ନାୟକଙ୍କ କହିବା ଅନୁଯାୟୀ ସେମାନଙ୍କୁ ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଦରମା ଦିଆଯାଇଛି। ଏହାପରେ ବିଭିନ୍ନ ଗ୍ରାମରେ ଖରାପ ହୋଇ ପଡିଥିବା ନଳକୂପ ଏବଂ ପାଇପକୁ ସେମାନେ ଠିକ୍‌ରେ ମରାମତି କରୁନଥିବାରୁ ଏହାକୁ ନେଇ ସେମାନଙ୍କ ଦରମା ବନ୍ଦ ରଖିବା ପାଇଁ ପଞ୍ଚାୟତରେ ରେଜୁଲେସନ ପାସ୍ ହୋଇଥିବା କହିଛନ୍ତି। ତେବେ ଖୁବଶିଘ୍ର ଏହା ଉପରେ ନିଷ୍ପତି ନିଆଯାଇ ଦରମା ପ୍ରଦାନ କରାଯିବ ବୋଲି ସରପଞ୍ଚ ସୂଚନା ପ୍ରଦାନ କରିଛନ୍ତି।





ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ପାଇପ କର୍ମଚାରୀ।

## ଭତ୍ତା ଦେବାରେ ପାତର ଅନ୍ତର

**ଖୋର୍ଦ୍ଧାଅଫିସ,୧୮।୯:** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଭତ୍ତା ଦେବାରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ରହିଛି। ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଜଣେ ବୃଦ୍ଧଙ୍କ ଭତ୍ତା ରାଶି ୩୦୦ରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଉନାହିଁ। ଅନ୍ୟଜଣଙ୍କର ୬୧ ବର୍ଷ ହୋଇଥିଲେ ବି ନୂତନ ହିତାଧିକାରୀ ଭାବେ ସାମିଲ କରାଯାଇ ଭତ୍ତା ଦିଆଯାଉନି। ଜିଲାପାଳଙ୍କ ନିକଟରେ ଅଭିଯୋଗ ଅନୁସାରେ, ଗଣମାଣତୀରର ଅଲେଖ ଛୋଟରାୟଙ୍କ ବୟସ ୮୬ ବର୍ଷ ହେଲାଣି। ୮୦ ବର୍ଷରୁ ଅଧିକ ହେଲେ ମାସକୁ ୫୦୦ ଟଙ୍କା ମିଳିବାର ରହିଛି। ତେବେ ତାଙ୍କୁ ମାସିକ ୩୦୦ ଟଙ୍କା ମିଳିଛି। ଅଲେଖ ଏବେ ଶଯ୍ୟାଶାୟୀ। କେତେବେଳେ କ'ଣ ଘଟିବ କହିହେବନାହିଁ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ନୟାଗଡ଼ ଅଫିସ,୧୮।୯**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଶରଣକୁଳ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ୧୨ ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ୮ଟି ଦଳରେ ୨୪୦ ଜଣ ଛାତ୍ରୀ ଭାଗ ହୋଇ ବିଭିନ୍ନ କୌଶଳ ବିଷୟରେ ତାଲିମ ନେଇଥିଲେ। ୪ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଏହା ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ବିଜୟ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ନୟାଗଡ଼ ଜିଲା ସଂଯୋଜିକା ପ୍ରଭାତ ନଳିନୀ ଦେବୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ସାହସୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧାପକ ଯୁଧିଷ୍ଠିର ଖଟେଇ,





ଯୋଗଦେଇଥିବା ଅତିଥିମାନେ ରିଆକ୍ଟ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ଅଧାପକ ନାରାୟଣ ପ୍ରଧାନ, ରାଜକିଶୋର ସାହୁ, କ୍ରୀଡ଼ା ଅଧାପକ ମନୋରଞ୍ଜନ ଦାଶ, ଅଧାପିକା ବିନୋଦିନୀ ଦଳବେହେରା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀମାନଙ୍କୁ ପ୍ରତିଟି ପରିସ୍ଥିତିକୁ ସାମ୍ନା କରିବା ସହିତ ନିଜର ସୁରକ୍ଷା ପାଇଁ ତାଲିମ ନେଇଥିବା କୌଶଳକୁ ବିନିଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଆତ୍ମରକ୍ଷା କୌଶଳର ଏକ ମାର୍ଗଦର୍ଶିକା ପୁସ୍ତକ ରିଆକ୍ଟକୁ ଅତିଥିମାନେ ଉନ୍ମୋଚନ କରିବା ସହିତ ଛାତ୍ରୀମାନଙ୍କୁ ପ୍ରଦାନ କରିଥିଲେ।

## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

**ବୋଲଗଡ଼,୧୮।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ପୂଜା ମଣ୍ଡପଗୁଡ଼ିକରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ମୋହିପାରିଛି ବୋଲି ସ୍ଥାନୀୟ ଲୋକେ କହନ୍ତି । ବୋଲଗଡ଼ ଟାକ୍ସି ଷ୍ଟାଣ୍ଡ, ବସ୍‌ଷ୍ଟାଣ୍ଡ , ରାଜସୁନାଖଳା, ଗଣେଶବଜାର, ପିତୁକୁଳି, ଶିଳ୍ପତାଲିମ କେନ୍ଦ୍ର , ବିଦ୍ୟୁତ୍ କାର୍ଯ୍ୟାଳୟ , ବିଭିନ୍ନ ଗ୍ୟାରେଜ, କୁଟୀର ଶିଳ୍ପକେନ୍ଦ୍ର ଓ ଗାଁ ଗହଳିରେ ମହାଆଡମ୍ବରରେ ବିଶ୍ୱକର୍ମା ପୂଜା ହୋଇଥିଲା । ସନ୍ଧ୍ୟାରେ ପୂଜା ମଣ୍ଡପଗୁଡ଼ିକ ନିକଟରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ନିମନ୍ତେ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା।

# ବ୍ଲକ୍‌ଗ୍ରାଣ୍ଟ ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀଙ୍କ ସଚେତନତା ରାଲି

**ଖଣ୍ଡପଡା,୧୮।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଗ୍ରାଣ୍ଟ ସ୍କୁଲ କଲେଜ ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଜଗନ୍ନାଥ ପ୍ରସାଦ ପଞ୍ଚାୟତର ହୁଆହରା, ଗୁଣ୍ଠୁଣୀ, ରାଣୀପଡ଼ା ପଞ୍ଚାୟତ ଅନ୍ତର୍ଗତ ବିରିଡ଼ି ଅଞ୍ଚଳରେ ରାଜ୍ୟ ସରକାରଙ୍କ ନୀତି ବିରୋଧରେ ସଚେତନତା ରାଲି କରାଯାଇଛି । ପୂର୍ଣ୍ଣ ଅନୁଦାନ ସହିତ ଚାକିରି ସର୍ତ୍ତାବଳୀ ଓ ସମସ୍ତ ଅବସରକାଳୀନ ସୁବିଧା ଦାବି କରି ମିଳିତ ମଞ୍ଚର ଦୀର୍ଘ ୩୪ଦିନ ହେଲା ଆନ୍ଦୋଳନ ଜାରି ରହିଛି। ଗାଁ ଲୋକଙ୍କ ଉଦ୍ୟମରେ ପ୍ରତିଷ୍ଠା କରାଯାଇଥିବା ହାଇସ୍କୁଲ, କଲେଜରେ ସ୍ଥାନୀୟ ଅଞ୍ଚଳର ପିଲାମାନଙ୍କୁ ପଢ଼ାଇବାର ସ୍ୱପ୍ନ ସରକାରଙ୍କ ସାମ୍ପ୍ରତିକ ନୀତି ଅନୁଯାୟୀ ଧୂଳିସାତ୍ ହେଉଥିବା ନେଇ ମଞ୍ଚ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଥିଲା। ବୁଧବାର କୋସ୍‌କା ପଞ୍ଚାୟତର ଜନସଚେତନତା ସୃଷ୍ଟି କରାଯିବ ବୋଲି ଜିଲା ସଂଯୋଜକ ମୁରଲୀଧର ବେହେରା ପ୍ରକାଶ କରିଛନ୍ତି ।

**ଭାପୁର,(ଡି.ଏନ.ଏ.):** ଶିକ୍ଷକ ଅଧ୍ୟାପକଙ୍କ ବିଭିନ୍ନ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା ଯୋଗୁ ଦାବି ପୂରଣରେ ବିଳମ୍ବ ହେଉଛି। ସେମାନଙ୍କ ନାର୍ଯ୍ୟ ଦାବି ଗୁଡ଼ିକର ଯଥାର୍ଥତା ନେଇ ଛାତ୍ର ଅଭିଭାବକ ଓ ଜନସାଧାରଣଙ୍କ ସହଯୋଗ ଉଦ୍ଦେଶ୍ୟରେ ଏବେ ସାରା ଓଡ଼ିଶାରେ ଶିକ୍ଷକ ଅଧ୍ୟାପକ ମିଳିତ ମଞ୍ଚ ପଞ୍ଚାୟତସ୍ତରୀୟ ପଦଯାତ୍ରା ଆରମ୍ଭ କରିଛି। ଏହା ୧୭ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ଭାପୁର ବ୍ଲକ ନିମାଣୀ ଓ ଗୋଳାପୋଖରୀ ପଞ୍ଚାୟତରେ ୧ ଶହରୁ ଉର୍ଦ୍ଧ୍ୱ ଶିକ୍ଷକ, ଅଧ୍ୟାପକ ପଦଯାତ୍ରା କରିଥିଲେ। ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ସରୋଜ ମହାପାତ୍ର, ପଦ୍ମଚରଣ ଭୋଳ, ଗଗନବିହାରୀ ତ୍ରିପାଠୀ, ଶିକ୍ଷକ ଇନ୍ଦ୍ରମଣୀ ବାରିକ, ପ୍ରବୋଧ ତ୍ରିପାଠୀଙ୍କ ନେତୃତ୍ୱରେ ଶିକ୍ଷକମାନେ ସଚେତନତା କରିଥିଲେ। ତେବେ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ନେଇ ଚିନ୍ତିତ ଅଛନ୍ତି।

**ଦଶପଲ୍ଲା,(ଡି.ଏନ.ଏ.):** ଦଶପଲ୍ଲା ସ୍କୁଲ କଲେଜ ମିଳିତ ମଞ୍ଚ ପକ୍ଷରୁ ମଙ୍ଗଳବାର ଡୁମାଣ୍ଡି ପଞ୍ଚାୟତରେ ବାଇକ ଶୋଭାଯାତ୍ରା ସହ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଗାଁ ଗାଁ ବୁଲି ସରକାରଙ୍କ ବ୍ଲକ୍ ଗ୍ରାଣ୍ଟ ସ୍କୁଲକଲେଜ ପ୍ରତି ବୈମାତୃକ ମନୋଭାବ ତଥା ଅବହେଳା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମିଳିତ ମଞ୍ଚର ଆବାହକ ମାନସ ମିଶ୍ର ଓ ଅକ୍ରୁର ପରିଡା, ପ୍ରଧାନଶିକ୍ଷକ ବିଷ୍ଣୁ ନାରାୟଣ ଷଡଙ୍ଗୀ, ହୃଷିକେଶ ବାରିକ ଓ ପରିଚାଳନା କମିଟି ସଦସ୍ୟ ଜୟଦେବ ସାହୁ ପ୍ରମୁଖ ସରକାରଙ୍କ କାଳକ୍ଷେପଣ ନୀତି ବିରୁଦ୍ଧରେ ଉଦ୍‌ବୋଧନ ଦେଇଥିଲେ।





ଭାପୁରଠାରେ ଶିକ୍ଷକ କର୍ମଚାରୀଙ୍କ ପଦଯାତ୍ରା।

# ପେସାରେ ଚାଷୀ, ନିଶା ସାପ ଧରିବା

**ଖୋର୍ଦ୍ଧା ଅଫିସ,୧୮।୯**

> ପେସାରେ ଚାଷୀ ହୋଇଥିଲେ ହେଁ ସଉକ ଓ ନିଶା କିନ୍ତୁ ବିଷଧର ସାପ ଧରି ଜଙ୍ଗଲରେ ଛାଡିବା। ଏପରି କି କେତେଜଣ ସାପ କାମୁଡା ଲୋକଙ୍କୁ ମଧ୍ୟ ସେ ବଞ୍ଚାଇ ପାରିଛନ୍ତି। ହେଲେ ସେ ଜାତିରେ ସାପୁଆ କେଳା ନୁହଁନ୍ତି। ଖବର ପାଇଲେ କାହା ଘର ବାଡିରୁ ତ କାହା ଧାନ ମରେଇରୁ ସାପ ଧରି ବଣ ଜଙ୍ଗଲରେ ଛାଡିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି। ଏଥିପାଇଁ ସେ କେବେ ପାରିଶ୍ରମିକ ନିଅନ୍ତି ନାହିଁ।

ଶ୍ୱେତ ପ୍ରଧାନ(୬୦)। ଘର ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ବିରିବାଡି ପଞ୍ଚାୟତ ଛକୋଡିପୁର ଗାଁ। ପିଲାଟି ଦିନରୁ ବନ୍ୟଜୀବଜନ୍ତୁଙ୍କ ପ୍ରତି ଥିବା ସ୍ନେହ, ଭଲ ପାଇବା ଓ ଲୋକମାନଙ୍କ ଆଶୀର୍ବାଦ ତାଙ୍କୁ ଜଣେ ସଫଳ ସାପ ଧରାଳି ଭାବେ ପରିଚିତ କରାଇଛି। ପ୍ରତିଦିନ କେଉଁଠି ନାଁ କେଉଁଠି ସାପ ଧରିବାକୁ ଡାକରା ପାଆନ୍ତି ସେ। ଯିଏ ଡାକିଲା ସେଇଠି ହାଜର ହୋଇ ସେବା ଯୋଗାଇ ଦେଇଥାନ୍ତି। ଅଳ୍ପ ସମୟରେ ସେ ଯେତେ ବିଷଧର ସାପ ହେଲେ ବି ଧରି ପକାଇଥାନ୍ତି। ଏ ପର୍ଯ୍ୟନ୍ତ ଶ୍ୱେତ ୧୭୯୦ ସାପ ଧରିଛନ୍ତି। ତେବେ ସାପଧରା ପଛରେ ଏକ ଅଲୌକିକ କାହାଣୀ ଥିବା ଜଣାପଡେ। ପ୍ରାୟ ୨୭ ବର୍ଷ ତଳେ ଘରେ ଶୋଇଥାନ୍ତି। ଶୋଇବା ସ୍ଥାନରେ ସାପଗୁଡିକ ଶୂନ୍ୟେ ଶୂନ୍ୟେ ଉଡୁଥାନ୍ତି। ସେ ମଧ ଶୂନ୍ୟେ ଶୂନ୍ୟେ ଆକାଶରେ ଉଡି ଗାଁର ଲୋକନାଥ ମନ୍ଦିର ପରିସରରେ ପଡିଥିଲେ। ଦେହସାରା ବିଷଧର ସର୍ପ ଗୁଡାଇ ହୋଇ ରହିଛନ୍ତି। ସେ ଭୟଭୀତ ନ ହୋଇ ଗାଁର ଠାକୁର ଲୋକନାଥଙ୍କୁ ସ୍ମରଣ କରିଥିଲେ। ସାପ ଆପେ ଆପେ ଚାଲି ଯାଇଥିଲେ। ସେ ସମୟରେ ନିଦ ଭାଙ୍ଗି ଯାଇଥିଲା। ଏହା ସ୍ୱପ୍ନ ଥିଲା ବୋଲି ଜାଣି ପାରିଥିଲେ। ଏହି ଘଟଣା ଶ୍ୱେତଙ୍କ ଉଦ୍ଦେଶ୍ୟରେ ସାପ ଧରିବାକୁ ସୁଯୋଗ ଆଣି ଦେଇଥିଲା। ତା' ପରଠାରୁ ସେ କେବେ ପଛକୁ ଅନାଇ ନାହାନ୍ତି। ୨୫ ବର୍ଷ ହେଲା ସାପ ଧରି ଆସୁଛନ୍ତି। ପ୍ରଥମେ ଠେଙ୍ଗାରେ ଓ ପରବର୍ତ୍ତୀ ପର୍ଯ୍ୟାୟରେ ହୁକ୍ ଅଥବା ଟଙ୍ଗ୍ ସାହାଯ୍ୟରେ ସାପ ଧରି ଆସୁଛନ୍ତି। ହେଲେ ସାପ ଧରିବା ସହ ସେ କୃଷି କାର୍ଯ୍ୟକୁ ବଜାୟ ରଖିଛନ୍ତି। ଏଣୁ ତାଙ୍କର ଉଭୟ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଅନ୍ୟପକ୍ଷେ ସାପ ଧରି ନିଜର ସଉକ ବି ମେଣ୍ଟାଇଛନ୍ତି। ସାପ ଧରିବା ଓ ଖେଳାଇବା ଏକ ବିପଦପୂର୍ଣ୍ଣ କାର୍ଯ୍ୟ ହୋଇଥିବାବେଳେ ପରିବାର ପକ୍ଷରୁ ସହମତି ମିଳିଛି। ସର୍ପ ଦଂଶନ କରିବାର କିଛି ମନ୍ତ୍ର ଓ ଔଷଧ ସେ ବି ଜାଣିଛନ୍ତି। ଯାହାକି ଅନ୍ୟର ଉପକାର ସହ ନିଜର ଉପକାରରେ ବି ଲଗାନ୍ତି। ଏ ନେଇ ଶ୍ୱେତ କୁହନ୍ତି, ମୋତେ ସାପ ୩ ଥର କାମୁଡିଛି। ହେଲେ ଚେର ମୂଳି ଔଷଧ ଜାଣି ପାଖରେ ରଖିଥିବାରୁ ସବୁ କିଛି ଠିକ୍‌ଠାକ ଅଛି। ଜୀବେ ଦୟା ହେତୁ ସମ୍ଭବତଃ ଧରୁଥିବା ସାପ ତାଙ୍କୁ କେବେ ମାରିବାକୁ ଚେଷ୍ଟା କରିନାହିଁ ବୋଲି ମତ ଦିଅନ୍ତି। ସେ ବିଷଧର ସାପ ଧରିବା ପରେ ବିଷ ଦାନ୍ତ ଭାଙ୍ଗି ଜଙ୍ଗଲରେ ଛାଡି ଦିଅନ୍ତି। ଏକଦା ଏକ ନାଗ ସାପକୁ କିଛି ଲୋକ ମାରିବାକୁ ଉଦ୍ୟତ ହେଉଥିବାବେଳେ ତାକୁ ସେ ଉଦ୍ଧାର କରି ଜଙ୍ଗଲରେ ଛାଡିଦେଲେ। ଦୁଃଖଦ ଘଟଣାକୁ ବର୍ଣ୍ଣନା କରି କହିଥିଲେ, ତାଙ୍କ ଫେରିବାରେ ବିଳମ୍ବ କାରଣ ଯୋଗୁ ଏକ ଗାଁରେ ଏକ ଚନ୍ଦ୍ରବୋଡା ସାପକୁ ଗାଁଲୋକେ ମାରି ଦେଇଥିଲେ। ତେବେ ଜଙ୍ଗଲ ଓ ଜୀବଜନ୍ତୁଙ୍କୁ ବଞ୍ଚାଇଲେ ପରିବେଶ ସୁରକ୍ଷିତ ରହିବା ସହ ମନୁଷ୍ୟ ଉପକୃତ ହେବେ ବୋଲି ସେ ମତ ଦେଇଥିଲେ।



ଭୋଜନ ଦ୍ୱାରା ବ୍ରାହ୍ମଣମାନେ ସନ୍ତୁଷ୍ଟ ହୁଅନ୍ତି। ମୟୂରମାନେ ମେଘଗର୍ଜନ ଶୁଣିଲେ, ସାଧୁମାନେ ଅନ୍ୟର ସମ୍ପଦ ଜାଣିଲେ ଓ ଖଳଲୋକମାନେ ପରର ବିପଦରେ ଆନନ୍ଦିତ ହୁଅନ୍ତି।
-କୌଟିଲ୍ୟ ଚାଣକ୍ୟ



## ସଂକ୍ଷେପରେ

### ବ୍ୟାଙ୍କ ଶାଖା କାର୍ଯ୍ୟାଳୟରୁ ନାଗସାପ ଉଦ୍ଧାର



**ଖଣ୍ଡପଡା ୧୮।୯ (ସ୍ୱ.ପ୍ର.):** ଖଣ୍ଡପଡା ସହରର ମୁଖ୍ୟ ବଜାର ମଧ୍ୟରେ ଅବସ୍ଥିତ ୟୁକୋ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ପରିସରରୁ ମଙ୍ଗଳବାର ଏକ ନାଗ ସାପ ଉଦ୍ଧାର କରାଯାଇଛି। ଖଳିସାହି ଗ୍ରାମର ସ୍ନେକ୍ ହେଲ୍ପଲାଇନର କହ୍ନେଇ ସାହୁ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଛନ୍ତି। ବ୍ୟାଙ୍କ ଶାଖାରୁ ସାପ ବାହାରିବା ନେଇ କର୍ମଚାରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ବସ୍‌କୁ ଧକ୍କା ଦେଲା ଟ୍ରକ୍: ବର୍ତ୍ତିଲେ ୩୦ ଯାତ୍ରୀ



**ଓଡ଼ଗାଁ,୧୮।୯(ସ୍ୱ.ପ୍ର.):** ଓଡଗାଁ ଥାନା ଓ ବାହାଡ଼ାଝୋଲା ଫାଣ୍ଡି ଅନ୍ତର୍ଗତ ହାତିଆଶିଳା ଛକରେ ଏକ ଘରୋଇ ବସରୁ ଯାତ୍ରୀ ଓହ୍ଲାଉଥିବା ବେଳେ ପଛରୁ ଏକ ଚିପ୍‌ସ ବୋଝେଇ ଟ୍ରକ ବସ୍‌କୁ ଧକ୍କାଦେବାରୁ ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଦୁର୍ଘଟଣାରେ ୩୦ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଭୁବନେଶ୍ୱରରୁ ଅଲସୁ(ଗଞ୍ଜାମ)କୁ ଫେରୁଥିବା ସୁନା ରୁପା ନାମକ ଘରୋଇ ବସ (ନଂ.ଓଡି୦୨ ୮୪୬୨) ହାତିଆଶିଳା ଛକରେ ଯାତ୍ରୀ ଓହ୍ଲାଇବାକୁ ଠିଆ ହୋଇଥିବା ବେଳେ ବାହାଡ଼ାଝୋଲା ଯାଉଥିବା ଏକ ଚିପ୍‌ସ ବୋଝେଇ ଟ୍ରକ (ନଂ.ଓଆର୨୫ବି ୦୦୭୭) ପଛରୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗାଡି କ୍ଷତିଗ୍ରସ୍ତ ହୋଇଛି। ଏଥିରେ କୌଣସି ଯାତ୍ରୀଙ୍କ କ୍ଷତି ହୋଇ ନ ଥିବା ଜଣାପଡିଛି। ଉଭୟ ଗାଡିର ଚାଳକ ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୋଲିସ ପହଞ୍ଚି ମାମଲାର ତଦନ୍ତ କରୁଥିବା ଜଣାଯାଇଛି ।

### ଭିନ୍ନକ୍ଷମ ନାବାଳିକା ଶାଳୀଙ୍କୁ ବଳାତ୍କାର: ଭିଣୋଇ କୋର୍ଟ ଚାଲାଣ

**ଭାପୁର,୧୮।୯(ଡି.ଏନ.ଏ.):** ଜଣେ ଭିନ୍ନକ୍ଷମ ନାବାଳିକା ଶାଳୀକୁ ବଳାତ୍କାର କରିବା ଓ ସେ ୬ମାସ ଗର୍ଭବତୀ ହେବା ପରେ ଫେରାର ହୋଇଯାଇଥିବା ଭିଣୋଇଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ନୟାଗଡ଼ ଜିଲା ଫତେଗଡ଼ ଥାନା ଅଞ୍ଚଳର ଜଣେ ୧୭ ବର୍ଷିୟା ଭିନ୍ନକ୍ଷମ ନାବାଳିକା ସହ ତାଙ୍କର ଜଣେ ସମ୍ପର୍କୀୟ ଭିଣୋଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଫଳରେ ନାବାଳିକା ଜଣଙ୍କ ୬ମାସର ଗର୍ଭବତୀ ହେବା ପରେ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ୧୬୧/୧୮ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସେବେଠାରୁ ଅଭିଯୁକ୍ତ ଭିଣୋଇ ଫେରାର ଥିଲେ। ଫତେଗଡ଼ ଥାନା ଆଇଆଇସି ଆଶୁତୋଷ ମିଶ୍ର ସୋମବାର ପୁରୀ ବଳିଆପଣ୍ଡା ଅଞ୍ଚଳରୁ ଅଭିଯୁକ୍ତ ଭିଣୋଇଙ୍କୁ ଗିରଫ କରି ମଙ୍ଗଳବାର ଡାକ୍ତରୀମାଇନା କରାଇ ଖଣ୍ଡପଡ଼ା କୋର୍ଟ ଚାଲାଣ କରିଥିଲେ।

# ଚିକିତ୍ସା ପାଇଁ ଅର୍ଥ ବାଧକ

- ଅସ୍ତ୍ରୋପଚାର ପାଇଁ ୧୨ହଜାର ଟଙ୍କା ଆବଶ୍ୟକ
- ପରଦୁଆରେ ହାତ ପାତୁଛନ୍ତି ମାଧବ

ଗଣିଆ,୧୮।୯(ଡି.ଏନ୍.ଏ.)

ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତ କାଳିଆପଡ଼ା ଗ୍ରାମରେ ବାସ କରନ୍ତି ମାଧବ ନାୟକ (୫୪)। ସ୍ତ୍ରୀ ଓ ୩ଝିଅଙ୍କୁ ନେଇ ତାଙ୍କ ପରିବାର। ଦିନ ମଜୁରିଆ ଭାବେ ପଥର ଖାଦାନରେ ପଥର ବ୍ଲାଷ୍ଟିଂ କରି ଯେଉଁ ଦୁଇପଇସା ମିଳେ ସେଥିରେ ପରିବାର ପ୍ରତିପୋଷଣ କରିଥାନ୍ତି। ହସଖୁସିର ପରିବାର ଚଳୁଥିବାବେଳେ ହଠାତ୍ ସେମାନଙ୍କ ପାଇଁ ଯେମିତି ଦଇବ ଦାଉ ସାଧିଥିଲା। ମାଧବଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଆଜକୁ ଦେଢବର୍ଷ ତଳେ ଦଶପଲ୍ଲା ସୁବଳୟାସ୍ଥିତ ଡେଙ୍ଗାପଡ଼ା ପଥର ଖାଦାନରେ ପଥର ବ୍ଲାଷ୍ଟିଂ କରୁଥିବାବେଳେ ଦୁର୍ଘଟଣା ଘଟି ତାଙ୍କର ଡାହାଣ ପାଖ ଅଣ୍ଟାପାଖରୁ ପାଦଯାଏ ଗୋଡ଼ଟି ସମ୍ପୂର୍ଣ୍ଣ ଭାଙ୍ଗି ଚୂର୍‌ମାର ହୋଇଯାଇଥିଲା। ପଥରଖାଦାନ ଠିକାଦାର ୨୦ହଜାର ଟଙ୍କା ଖର୍ଚ୍ଚ କରି ତାଙ୍କୁ କଟକରେ ଚିକିତ୍ସା କରାଇଥିଲେ। ତାଙ୍କର ଅଣ୍ଟାଠାରୁ ପାଦ ପର୍ଯ୍ୟନ୍ତ ଷ୍ଟିଲ ରଡ ଲଗାଯାଇଛି। ଗୋଡ଼ରୁ ରଡ଼ ଖୋଲିବା ସମୟ ୬ମାସ ଅତିକ୍ରାନ୍ତ ହୋଇଯାଇଥିଲେ ହେଁ ଆର୍ଥିକ ଅନଟନ ଯୋଗୁ ଚିକିତ୍ସା ହୋଇପାରୁନାହାନ୍ତି। ଗରିବ ଶ୍ରେଣୀର ଲୋକମାନଙ୍କୁ ସ୍ୱାସ୍ଥ୍ୟ ବୀମା ଦ୍ୱାରା ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେତେ କ'ଣ ଯୋଜନା କରିଛନ୍ତି। ହେଲେ ମାଧବଙ୍କ ପାଇଁ ଏହା ସାତସପନ ପାଲଟିଛି। ତାଙ୍କୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ କାର୍ଡ ଖଣ୍ଡିଏ ମିଳିପାରିନାହିଁ। ଏବେ ଅସ୍ତ୍ରୋପଚାର କରାଯାଇ ରଡ଼ ଖୋଲାଯିବା ନିମନ୍ତେ ୧୨ ହଜାର ଟଙ୍କା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ଅବସ୍ଥାରେ ଟଙ୍କା ଯୋଗାଡ଼ କରିବା ଓ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ ହୋଇପଡିଛି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଏଭଳି ଅବସ୍ଥା ଦେଖି ଦୁଃଖରେ ଭାଙ୍ଗିପଡିଛନ୍ତି ପରିବାର ଲୋକେ। ଶେଷରେ ସବୁ କଷ୍ଟ ଯନ୍ତ୍ରଣାକୁ ଭୁଲି ନିଜର ଚିକିତ୍ସା ପାଇଁ ବାରଦୁଆରେ ହାତ ପାତୁଛନ୍ତି ମାଧବ। ମାଗିଯାଚି ଅର୍ଥ ଯୋଗାଡ଼ରେ ଲାଗିଛନ୍ତି। ଅନ୍ୟପକ୍ଷେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୨୫କେଜି ଚାଉଳ ହିଁ ପରିବାରର ସାହା ଭରସା। ସେହିପରି ୧୯୯୭ ମସିହା ବିପିଏଲ ତାଲିକାରେ ତାଙ୍କର ନାଁ ନ ଥିବାରୁ ଇନ୍ଦିରା ଆବାସ କିମ୍ବା ଅନ୍ୟ କୌଣସି ସରକାରୀ ସହାୟତା ମିଳୁ ନାହିଁ। ଏପରିସ୍ଥଳେ ଅକର୍ମଣ୍ୟ ଅବସ୍ଥାରେ ରୋଜଗାର କରି ନ ପାରି ଘରେ ତିନିଟିନିଟା ବଢିଲା ଝିଅଙ୍କୁ କିପରି ଶାଶୁ ଘର ଦେବେ ବୋଲି କୋହଭରା କଣ୍ଠରେ କହନ୍ତି ମାଧବ। ତାଙ୍କର ଚିକିତ୍ସା ପାଇଁ ଜିଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇବା ପାଇଁ ସେ ନିବେଦନ କରିଛନ୍ତ।



ଚିକିତ୍ସା ପାଇଁ ବାରଦୁଆର ବୁଲି ଅର୍ଥ ଯୋଗାଡ଼ କରୁଛନ୍ତି ମାଧବ।

# ନୟାଗଡ଼ରେ ମହିଳା ଆୟୋଗ ଶିବିର ଅଦାଲତ

**୪୨ ମାମଲାର ଫଇସଲା**

ନୟାଗଡ଼ ଅଫିସ,୧୮।୯

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡ. ଏନ.ତିରୁମାଲା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଲୋପାମୁଦ୍ରା ବକ୍ସିପାତ୍ର, ସଦସ୍ୟା କୁସୁମୀ ରଥ, ସ୍ନେହାଞ୍ଜନ ମହାନ୍ତି, ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲାପାଳ ନାୟକ ରାଜ୍ୟ ମହିଳା ଆୟୋଗ ଶିବିର ଅଦାଲତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ବକ୍ସିପାତ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ ଏହି ଶିବିର ଅଦାଲତ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅଦାଲତରେ ଉପସ୍ଥିତ ଥିବା ମହିଳାଙ୍କର ଆପତ୍ତି ଅଭିଯୋଗକୁ ଶୁଣାଣି କରି ୪୨ଟି ମାମଲାର ଫଇସଲା କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ଭୋଳେଶ୍ୱର କଅଁର ଧନ୍ୟବାଦ ଦେଇଥିଲେ।



ମହିଳା ଆୟୋଗ ଶିବିର ଅଦାଲତରେ ଉପସ୍ଥିତ ବ୍ୟକ୍ତିବିଶେଷ।

### ଖୋର୍ଦ୍ଧା ଲିଗ୍ ଫୁଟବଲ୍: କେରଙ୍ଗ ବିଜୟୀ

**ଖୋର୍ଦ୍ଧା ଅଫିସ,୧୮।୯:** ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମରେ ଚାଲୁ ରହିଥିବା ଖୋର୍ଦ୍ଧା ଲିଗ୍ ଟୁର୍ନାମେଣ୍ଟର ପଞ୍ଚମ ଦିବସ ମଙ୍ଗଳବାର ମ୍ୟାଚରେ କେରଙ୍ଗର ଅହମ୍ମଦିଆ କ୍ଲବ ୩-୧ ଗୋଲରେ ଖୋର୍ଦ୍ଧାର ପ୍ରାଣନାଥ କଲେଜଙ୍କୁ ପରାସ୍ତ କରି ବିଜୟୀ ହୋଇଛି। କେରଙ୍ଗ ଦଳ ପକ୍ଷରୁ ଅବଦୁଲ୍ ରଉଫ୍ ଏକାକି ହ୍ୟାଟ୍ରିକ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ। କଲେଜ ପକ୍ଷରୁ ବାରମ୍ବାର ସ୍କୋର କରିବାର ସୁଯୋଗକୁ ହାତଛଡା କରି କେବଳ ଗୋଟିଏ ସ୍କୋର ପରିଶୋଧ କରି ପରାସ୍ତ ହୋଇଥିଲେ। ପ୍ରଫୁଲ୍ଲ ବେହେରା ଖେଳ ପରିଚାଳନା କରିଥିଲେ।

# ବୋଦସାରେ ପୁଣି ଅସବର୍ଣ୍ଣ-ସବର୍ଣ୍ଣ ବିବାଦ

## ଆକ୍ରମଣରେ ଜଣେ ଗୁରୁତର, ମାମଲା ରୁଜୁ

ଖଣ୍ଡପଡା ୧୮।୯ (ସ୍ୱ.ପ୍ର.)

ଖଣ୍ଡପଡା ଥାନା ଅନ୍ତର୍ଗତ ବୋଦସା ଗ୍ରାମରେ ୩ମାସ ପରେ ମଙ୍ଗଳବାର ପୁଣି ଅସବର୍ଣ୍ଣ ଓ ସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବିବାଦ ଘଟିଛି। ଅସବର୍ଣ୍ଣ ଗୋଷ୍ଠୀର ଆକ୍ରମଣରେ ସବର୍ଣ୍ଣ ଗୋଷ୍ଠୀର ଯଜ୍ଞେଶ୍ୱର ଖୁଣ୍ଟିଆ (୨୪) ଗୁରୁତର ଆହତ ହୋଇଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଯଜ୍ଞେଶ୍ୱର ଦିବା ୧୨ଟା ସମୟରେ ସାଇକେଲ୍‌ରେ ଯାଉଥିବାବେଳେ ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ନିକଟରେ ଅସବର୍ଣ୍ଣ ଗୋଷ୍ଠୀର ଗଦା ନାଏକ, ତୋଫାନ୍ ନାଏକ, ବାଇଲ ନାଏକ, ଜଗା ନାଏକ, ପରେଇ ନାଏକ ପ୍ରମୁଖ ହଠାତ୍ ତାଙ୍କୁ ଘେରି ଯାଇ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏ ନେଇ ଯଜ୍ଞେଶ୍ୱରଙ୍କ ପିତା ସନାତନ ଖୁଣ୍ଟିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ୍ ଏକ ମାମଲା (ନଂ.୧୯୩/୧୮) ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତ। ଆହତ ଯୁବକଙ୍କୁ ସ୍ଥାନୀୟ ବାସିନ୍ଦା ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ପରିବାରବର୍ଗଙ୍କ ସୂତ୍ରରୁ ଜଣାପଡିଛି । ଏହି ଘଟଣାକୁ କେନ୍ଦ୍ର କରି ବୋଦସା ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସର ଏକ ଟିମ୍ ଗାଁରେ ଡେରା ପକାଇ ପରିସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖିଛି। ଘଟଣା ସମ୍ପର୍କରେ ଗ୍ରାମବାସୀ ପୋଲିସ ଏସଡିପିଓ, ନୟାଗଡ ଏସ୍‌ପି ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି ।



ଗୁରୁତର ଆହତ ଯଜ୍ଞେଶ୍ୱର।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗଣିଆ,୧୮।୯(ଡି.ଏନ୍.ଏ.)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ସୋମବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ଦ୍ୱାରା ଆୟୋଜିତ ଏହି ଶିବିରରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୩୬୮ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିଲା। ଏଥିମଧ୍ୟରେ ଶ୍ରବଣ ବାଧିତ ୫୯, ମାନସିକ ଅନଗ୍ରସର ୪୭, ଚଳନବାଧିତ (ଅସ୍ଥିଶଲ୍ୟ) ୨୦୧, ଦୃଷ୍ଟିବାଧିତ ୪୫ ଏବଂ ଭେଷଜ ଓ ଅନ୍ୟାନ୍ୟ ବିଭାଗରେ ୧୬ ଅନ୍ତର୍ଭୁକ୍ତ। ଦୃଷ୍ଟିବାଧିତ ବିଭାଗର ବିଶେଷଜ୍ଞ ଡାକ୍ତର ପ୍ରସନ୍ନ ପ୍ରସାଦ ସାହୁ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ବି.ଏସ୍. ରାଓ, ଭେଷଜ ଓ ମାନସିକ ଅନଗ୍ରସର ଏବଂ ଅନ୍ୟାନ୍ୟ ବିଭାଗର ଡାକ୍ତର ସିଦ୍ଧାର୍ଥ ଦାଶ ଓ ଅଡ଼ିଓଲୋଜିଷ୍ଟ ଲକ୍ଷ୍ମୀପ୍ରିୟା ମଲିକ୍ ଯୋଗଦେଇ ପରୀକ୍ଷାନିରୀକ୍ଷା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ସାହୁ, ବିଡିଓ ସରୋଜ କୁମାର ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟରଞ୍ଜନ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବ୍ଲକ ପ୍ରଶାସନର ସମସ୍ତ କର୍ମଚାରୀ, ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ସ୍କାଉଟ୍ ଛାତ୍ରଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଦସ୍ୟ ସହଯୋଗ କରିଥିଲେ।

### ଦୁର୍ନୀତି ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟ

# କଂଗ୍ରେସର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ



ପଞ୍ଚାୟତ କାର୍ଯ୍ୟାଳୟଠାରେ କଂଗ୍ରେସ କର୍ମୀଙ୍କ ଧାରଣା।

ନୟାଗଡ଼ ଅଫିସ,୧୮।୯

ଦୀର୍ଘ ଦିନ ଧରି ନିଷ୍କ୍ରିୟ ହୋଇ ପଡ଼ିଥିବା ଜିଲା କଂଗ୍ରେସ ଏବେ ସକ୍ରିୟ ହେଉଥିବା ଦେଖିବାକୁ ମିଳୁଛି। କିଛି ଦିନ ହେଲାଣି ବିଭିନ୍ନ କାର୍ଯ୍ୟକମ କରି ସରକାରଙ୍କ ବିରୋଧରେ ନାରାବାଜି ଦେଉଥିବା ବେଳେ ମଙ୍ଗଳବାର ଆଉ କିଛି ବାଟ ଆଗକୁ ଯାଇଛି ଜିଲା କଂଗ୍ରେସ। ଇଟାମାଟି ଜୋନ୍ କଂଗ୍ରେସ ପକ୍ଷରୁ ପଞ୍ଚାୟତ ପଡ଼ିଆଠାରେ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ରଣଜିତ୍ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ଇଟାମାଟି ଗ୍ରାମପଞ୍ଚାୟତରେ ହୋଇଥିବା ଗ୍ରାମୀଣ ଆବାସରେ ଦୁର୍ନୀତି, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅର୍ଥ ତୋସରପାତ, ରାଶନ କାର୍ଡ ଏବଂ ଭତ୍ତା ବଣ୍ଟନରେ ଅନିୟମିତତା, ଡାକ୍ତରଖାନାରେ ଡାକ୍ତର ନ ରହିବା, ନିରାମୟ ଯୋଜନାରେ ଔଷଧ ନ ମିଳିବା, ପାଣିଟାଙ୍କି ନିର୍ମାଣ ହୋଇଥିବା ବେଳେ ଏହା କାର୍ଯ୍ୟକ୍ଷମ ନ ହେବା, ବିଦ୍ୟାଳୟରେ ଶିକ୍ଷକ ନ ରହିବା, ଫେଡ୍‌କୋ ଲୋକଙ୍କୁ ଶୋଷଣ କରିବା, ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ମନଇଚ୍ଛା କିରୋସିନ ଲିଟର ପିଛା ୪ ଟଙ୍କା ଅଧିକ ଆଦାୟ କରିବା, ପଞ୍ଚାୟତକୁ ମୌଳିକ ସେବା ଯୋଗାଇବାରେ ପ୍ରଶାସନଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତିବିଶେଷମାନେ ଫେଲ୍ ମାରିଥିବା ଦର୍ଶାଯାଇଥିଲା। ଏହାର ପ୍ରତିବାଦରେ କଂଗ୍ରେସ ଏହି ବିକ୍ଷୋଭ କରିଥିବା ସୂଚନା ଦିଆଯାଇଥିଲା। ଖାଲି ଉକ୍ତ ପଞ୍ଚାୟତ ନୁହେଁ ଜିଲାର ବିଭିନ୍ନ ପଞ୍ଚାୟତରେ ଏହିଭଳି ଦୁର୍ନୀତି ଭରି ରହିଛି। ଆଗାମୀ ଦିନରେ ନୟାଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ୪୬ଟି ପଞ୍ଚାୟତରେ ବିକ୍ଷୋଭ ସଭା କରାଯାଇ ସରକାରଙ୍କ ବିଭିନ୍ନ ଦୁର୍ନୀତିକୁ ଗ୍ରାଉଣ୍ଡ ଜିରୋରେ ଲୋକଙ୍କ ନିକଟରେ ପହଞ୍ଚାଇ ଦିଆଯିବ ବୋଲି ସଭାପତି ଦାଶ ପ୍ରକାଶ କରିଛନ୍ତି, ଯାହାକି ସରକାରଙ୍କୁ ଅଡୁଆରେ ପକାଇବ ବୋଲି ଆଲୋଚନା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବିକ୍ଷୋଭ ସଭାରେ କାର୍ଯ୍ୟକାରୀ ସଭାପତି ହୁସେନ ଖାଁ, କମଳ ଚରଣ ସାହୁ, କଂଗ୍ରେସ ନେତ୍ରୀ ମିଲି ପଣ୍ଡା , ଇଟାମାଟି ଜୋନ୍ ସଭାପତି ଦୀପକ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପୃଷ୍ଟି, ଇଟାମାଟି ପଞ୍ଚାୟତ ସଭାପତି ମହେଶ୍ୱର ପ୍ରଧାନ, ଖୁଣ୍ଟୁବନ୍ଧ ସରପଞ୍ଚ ସତ୍ୟବାନ ନାୟକଙ୍କ ସମେତ ସଂଖ୍ୟାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଭଡ଼ାଘର ଛାଡ଼ିବାକୁ କହିବାରୁ ମହିଳାଙ୍କୁ ଆକ୍ରମଣ

**ଥାନାରେ ମାମଲା, ସମ୍ପୃକ୍ତ ଯୁବକ ଗିରଫ**

ରଣପୁର,୧୮।୯(ସ୍ୱ.ପ୍ର.)

ରଣପୁର ଥାନା ସିନ୍ଦୂରିଆ ଗ୍ରାମରେ ମଙ୍ଗଳବାର ଘର ଛାଡିବାକୁ କହିବାରୁ ଘର ମାଲିକାଣୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ରଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ମହିଳା ହେଉଛନ୍ତି ବିରଞ୍ଚି ବେହେରାଙ୍କ ସ୍ତ୍ରୀ ଚଞ୍ଚଳା ବେହେରା (୫୨)। ଏ ନେଇ ବିରଞ୍ଚି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୯୧/୧୮ (ଏସ୍‌ସିଏସ୍‌ଟି ଆକ୍ଟ)ରେ ମାମଲା ରୁଜୁ କରିଛି। ତଦନ୍ତ ପରେ ପୋଲିସ ସିନ୍ଦୂରିଆ ଗ୍ରାମରେ ଚଢାଉ କରି ଭଡା ରହୁଥିବା ଓଡପଲ୍ଲା ଗ୍ରାମର ସମ୍ପୃକ୍ତ ଯୁବକ ନରେନ୍ଦ୍ର ସାହୁ (୪୨)ଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ପ୍ରକାଶ। ଅଭିଯୋଗରୁ ପ୍ରକାଶ ଯେ, ରଣପୁର ଥାନା ନୂଆସୁକଳ ଗ୍ରାମର ଚଞ୍ଚଳା ବେହେରାଙ୍କର ସିନ୍ଦୂରିଆ ମୌଜାରେ ୪ଡେସିମିଲ ଜାଗା ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଇନ୍ଦିରାଆବାସ ମଞ୍ଜୁର ହେବା ପରେ ଚଞ୍ଚଳା ଉକ୍ତ ଜାଗାରେ ଗୃହ ନିର୍ମାଣ କରିଥିଲେ। ଏହି ଘରକୁ ଏକବର୍ଷ ହେବ ଓଡପଲ୍ଲା ଗ୍ରାମର ନରେନ୍ଦ୍ର ସାହୁ ଭଡା ନେଇ ପରିବାର ସହ ରହିଆସୁଥିଲେ। ଘରେ ରହିବା ଅସୁବିଧା ହେବାରୁ ଚଞ୍ଚଳା ୨ମାସ ତଳେ ନରେନ୍ଦ୍ରଙ୍କୁ ଘର ଛାଡିବାକୁ କହିଥିଲେ। ହେଲେ ନରେନ୍ଦ୍ର ଘର ଛାଡିବାକୁ ରାଜିହୋଇ ନ ଥିଲେ। ଏହାକୁ ନେଇ ଗ୍ରାମରେ ସଭା କରାଯାଇ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ନରେନ୍ଦ୍ର ଏହାକୁ ଗ୍ରହଣ କରି ନ ଥିଲେ। ଶେଷରେ ଚଞ୍ଚଳା ମାସେ ତଳେ ଥାନାର ଆଶ୍ରୟ ନେଇଥିଲେ। ପୋଲିସ ନରେନ୍ଦ୍ରଙ୍କୁ ଡାକି ଘର ଛାଡିବାକୁ ତାଗିଦ କରିଥିଲା। ନିର୍ଦ୍ଧାରିତ ସମୟ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ନରେନ୍ଦ୍ର ଘର ଛାଡି ନ ଥିଲେ। ମଙ୍ଗଳବାର ଚଞ୍ଚଳା ଓ ବିରଞ୍ଚି ଏ ନେଇ ନରେନ୍ଦ୍ରଙ୍କୁ କହିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନରେନ୍ଦ୍ର ଏକ ଧାରୁଆ ଅସ୍ତ୍ରରେ ଚଞ୍ଚଳାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ।



ଗୁରୁତର ମହିଳା।



ଗିରଫ ଅଭିଯୁକ୍ତ।

# ସୂଚନା ଅଧିକାର ଆଇନରେ ମିଳୁନି ତଥ୍ୟ

**ଲୋକଲୋଚନକୁ ଆସିପାରୁନି ଯୋଜନାର ସତ୍ୟାସତ୍ୟ**

ନୂଆଗାଁ,୧୮।୯(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜନ ସୂଚନା ଅଧିକାରୀ ସରକାରଙ୍କ ସୂଚନା ଅଧିକାର ଆଇନ ଅନୁସାରେ କୌଣସି ତଥ୍ୟ ଦେଉ ନ ଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଅଧିକାରୀଙ୍କ କହିବା ଅନୁସାରେ, ଆର୍‌ଟିଆଇ ମାଧ୍ୟମରେ ତଥ୍ୟ ମଗାଯାଇଥିଲେ ମଧ୍ୟ ଯେଉଁ ବିଭାଗରୁ ତଥ୍ୟ ମିଳିବା କଥା ସେମାନେ ଦେଉନାହାନ୍ତି। ନୂଆଗାଁ ବ୍ଲକ ଜନସୂଚନା ଅଧିକାରୀ ତଥ୍ୟ ମାଗୁଥିବା ଅନେକ ଲୋକଙ୍କୁ ଏଭଳି କହୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଦେଶର ନାଗରିକ କୌଣସି ପ୍ରସଙ୍ଗରେ ତଥ୍ୟ ଜାଣିବା ପାଇଁ ସରକାର ୨୦୦୫ରେ ଜନ ସୂଚନା ଆଇନ ପ୍ରଣୟନ କରିଛନ୍ତି। ପ୍ରତ୍ୟେକ କାର୍ଯ୍ୟାଳୟରେ ଏଥିପାଇଁ ଜଣେ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । କିନ୍ତୁ କେତେକ ସ୍ଥାନରେ ସେହି କର୍ମଚାରୀମାନେ ସୂଚନା ବା ତଥ୍ୟ ଚାହୁଁଥିବା ଲୋକଙ୍କୁ ନିରାଶ କରୁଥିବା ଦେଖିବାକୁ ମିଳୁଛି। ନୂଆଗାଁ ବ୍ଲକରେ ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ଦୃଷ୍ଟିଗୋଚର ହେଉଛି । ଅସାଧୁ ସରକାରୀ କର୍ମଚାରୀ ଠିକାଦାରଙ୍କ ସହ ସଲାସୁତରା କରି ଅର୍ଥ ହଡ଼ପ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ଏଭଳି ଅନେକ ଯୋଜନାର କାର୍ଯ୍ୟକାରିତା ନେଇ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରୁନି। ଏ ବିଷୟରେ ଜାଣିବା ପାଇଁ ବ୍ଲକର ଜଣେ ସଚେତନ ନାଗରିକ ଅଗଷ୍ଟ ୭ରେ ତଥ୍ୟ ଚାହିଁଥିଲେ। ତଥ୍ୟ ପ୍ରଦାନ କରିବାର ସମୟସୀମା ହେଉଛି ୩୦ ଦିନ। ଇତିମଧ୍ୟରେ ୪୦ ଦିନ ବିତିଯାଇଥିଲେ ମଧ୍ୟ ସେ ତଥ୍ୟ ପାଇ ନ ଥିବା କହିଛନ୍ତି। ସେହିପରି ଉଠାଣିସାହିର ଏକ ପୋଖରୀ ଖନନରେ ଅନିୟମିତତା ଅଭିଯୋଗ ହୋଇଥିଲା। ଏ ନେଇ ଉଠାଣିସାହି, ଗଦାଧରପୁର, ନୂଆସାହି ଓ କାଚପଲି ଗ୍ରାମବାସୀଙ୍କ ତରଫରୁ ସମ୍ପାଦକ ମଦନ ମୋହନ ପ୍ରଧାନ ବିଭାଗକୁ ତଥ୍ୟ ମାଗିଥିଲେ ମଧ୍ୟ ତାହା ମିଳିପାରି ନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅନିୟମିତତା ଅଭିଯୋଗର ସତ୍ୟାସତ୍ୟ ଜାଣିବାକୁ ଚାହୁଁଥିବା ଗଣମାଧ୍ୟମ ପ୍ରତିନିଧି ସୁନୀଲ ପଟ୍ଟନାୟକଙ୍କୁ ମଧ୍ୟ ତଥ୍ୟ ପ୍ରଦାନ କରା ନ ଯାଇ ଅନୁରୂପ ଉତ୍ତର ଦିଆଯାଇଥିଲା। ବ୍ଲକ ଜନ ସୂଚନା ଅଧିକାରୀ ଲୋକଙ୍କୁ ତଥ୍ୟ ନ ଦେଇ ଅଯଥା ବ୍ଲକ କାର୍ଯ୍ୟାଳୟକୁ ଦୌଡାଇବା ସହ ଅପିଲ କରିବାକୁ କହି ଖର୍ଚ୍ଚାନ୍ତ କରାଉଥିବା ଅଭିଯୋଗ ହେଉଛି। ଏ ବିଷୟରେ ନୂଆଗାଁ ବ୍ଲକ ଜନସୂଚନା ଅଧିକାରୀ ତଥା ମୁଖ୍ୟ କିରାଣି ଅଭିମନ୍ୟୁ ରାଉତଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ବରଂ ନିଜକୁ ଅସହାୟ ମନେକରି ଅପିଲ କରିବାକୁ କହିଥିଲେ। ତେବେ ଜନ ସୂଚନା ଅଧିକାରୀଙ୍କ ଏପରି ଅବହେଳା ବିଷୟରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲଙ୍କୁ ପଚାରିବା ପରେ ସେ କହିଥିଲେ, ଆରଟିଆଇ ମାଧ୍ୟମରେ ମଗାଯାଇଥିବା ତଥ୍ୟ ପ୍ରଦାନ କରିବା ବାଧ୍ୟତାମୂଳକ। ମୁଁ ଏଠାରେ ଏବେ ନୂଆରେ ଯୋଗଦେଇଛି। କିନ୍ତୁ ମୁଖ୍ୟ କିରାଣି କାହିଁକି ତଥ୍ୟ ଦେବାରେ ଅବହେଳା କରୁଛନ୍ତି ତାହା ପଚାରି ବୁଝିବି ଓ ଲୋକଙ୍କୁ ଠିକ୍ ତଥ୍ୟ ଦେବା ପାଇଁ ଚେଷ୍ଟା କରିବି ।

## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଜେଲ୍ ଗଲେ

**ବ୍ରହ୍ମପୁର ଅଫିସ୍,୧୮।୯:** ବ୍ରହ୍ମପୁର ସହର ବଡବଜାର ଅଞ୍ଚଳର ଜନୈକା ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଶିବ ପାତ୍ର (୨୫) । ଅଭିଯୁକ୍ତ ଶିବ ଛାତ୍ରୀଙ୍କୁ ଏକତରଫା ଭଲ ପାଉଥିବା ବେଳେ ଗତ ୧୬ ତାରିଖ ସନ୍ଧ୍ୟାରେ ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀଙ୍କ ମା ସୋମବାର ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୧୪୮/୧୮ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ।

## ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ଦାବି

**ବ୍ରହ୍ମପୁର ଅଫିସ୍,୧୮।୯:** ସୌଭାଗ୍ୟ ଯୋଜନାର ସଫଳତା ନେଇ କେନ୍ଦ୍ର ସରକାର ପ୍ରଚାର କରୁଥିଲେ ମଧ୍ୟ ତୃଣମୂଳସ୍ତରରେ ଏହା ସଫଳତାଠାରୁ ବହୁ ଦୂରରେ ରହିଯାଇଛି। ଲୋକମାନେ ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି। ମଙ୍ଗଳବାର ଏ ନେଇ ଅଭିଯୋଗ ହୋଇଛି। ଦିଗପହଣ୍ଡି ବ୍ଲକ ବୁଢ଼ାଢ଼େପ, ବାଲିବାଡ଼ି, ଗାଇଡ଼ା ଓ ବୀର ଲକ୍ଷ୍ମୀନାରାୟଣପୁର ଆଦି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେମାନେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରିଥିଲେ ମଧ୍ୟ ପାଇପାରୁ ନାହାନ୍ତି । ସାଉଥ୍କୋ କର୍ତ୍ତୃପକ୍ଷ ଅବହେଳା କରୁଛନ୍ତି ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି । ଏକ ଦାବିପତ୍ର ସାଉଥ୍କୋ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଥିଲେ । ଶ୍ରୀକାନ୍ତ ପାଢ଼ୀ, ରଘୁନାଥ ଗୌଡ଼, ସୁରେଶ କୁଣ୍ଡୁ, ସନାତନ ସାହୁ, ନିରଞ୍ଜନ ସାହୁ, ରାଜେନ୍ଦ୍ର ଗୌଡ଼, ଗୋପୀନାଥ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ନାଟକ ପାଣ୍ଡୁଲିପିର ଶୁଭାରମ୍ଭ

**ବ୍ରହ୍ମପୁର ଅଫିସ,୧୮।୯:** ସାମାଜିକ ଅନୁଷ୍ଠାନ ମାଷ୍କୋ ଓ ଜାତୀୟ ସଙ୍ଗୀତ କଳାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଅକ୍ଟୋବର ପ୍ରଥମ ସପ୍ତାହରେ ନାଟକ 'ସିନ୍ଦୁର ପିନ୍ଧିଲି କାହାରି ପାଇଁ' ଭଞ୍ଜମଣ୍ଡପରେ ମଞ୍ଚସ୍ଥ ହେବ । ଏନେଇ ସୋମବାରରୁ ନାଟକର ଅଭ୍ୟାସ ଆରମ୍ଭ ହୋଇଛି । ଏହି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଟକ ପାଣ୍ଡୁଲିପିର ଶୁଭାରମ୍ଭ କରାଯାଇଥିଲା । ନାଟକଟିକୁ ଡା. ରାମକୃଷ୍ଣ ସାହୁ ରଚନା କରିଥିବା ବେଳେ ଏହାକୁ ସାହୁ ଓ ଉମାଚରଣ ମିଶ୍ର ମିଳିତ ଭାବେ ନିର୍ଦ୍ଦେଶନା ଦେବେ। ନାଟକରେ ପ୍ରଦୀପ କୁମାର ଶତପଥୀ, ପି. ବୁଦ୍ଧଦେବ ପାତ୍ର, ସନ୍ଦୀପ ପଟ୍ଟନାୟକ, ସୁନୀଲ କୁମାର ସାବତ, ରାଜେନ୍ଦ୍ର ପ୍ରସାଦ ସାହୁ,ବନ୍ଦନା ମହାପାତ୍ର, କିରଣବାଳା ମିଶ୍ର, ନୀହାରିକା ସାହୁ ଓ ସାବିତ୍ରୀ ମହାପାତ୍ର ପ୍ରମୁଖ କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। କାର୍ଯ୍ୟକ୍ରମରେ କଳାକେନ୍ଦ୍ର ସମ୍ପାଦକ ସ୍ୱରଗୌରବ କୃଷ୍ଣ ପ୍ରସାଦ ସାବତ ନାଟକ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହ ଧନ୍ୟବାଦ ଦେଇଥିଲେ ।

## ୧୫୦ ୟୁନିଟ୍ ରକ୍ତ ସଂଗ୍ରହ



**ବ୍ରହ୍ମପୁର ଅଫିସ୍,୧୮।୯:** ଗଣେଶ ପୂଜା ଅବସରରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଗୋସାଇଁନୂଆଗାଁ ପାଣିଗ୍ରାହୀ ସାହି ଲକ୍ଷ୍ମୀନାରାୟଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା କମିଟି, ସ୍ୱେଚ୍ଛାକୃତ ରକ୍ତଦାନ ସଂଘ(ଏଭିବିଡ଼ି) ଏବଂ ରୋଟାରୀ କ୍ଲବର ମିଳିତ ଆନୁକୂଲ୍ୟରେ ଏହା ଆୟୋଜନ କରାଯାଇଥିଲା । ଏଥିରେ କମିଟିର ବହୁ ସଦସ୍ୟ ଏବଂ ସାହିବାସିନ୍ଦା ରକ୍ତଦାନ କରିଥିଲେ। ଅନେକ ପ୍ରଥମ ଥର ପାଇଁ ରକ୍ତ ଦେଇଥିଲେ। ଶିବିରରେ ପ୍ରାୟ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସ୍ଥାନୀୟ ରକ୍ତ ଭଣ୍ଡାରର ଡାକ୍ତର ପ୍ରସନ୍ନ କୁମାର ରଥଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସଭାପତି ଶ୍ରୀନିବାସ ପୃଷ୍ଟି, ସମ୍ପାଦକ ସତ୍ୟକାମ୍ ପାତ୍ର, ଲଳିତ ମୋହନ ମଙ୍ଗରାଜ, ମିହିର ରଞ୍ଜନ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ବିଷୋୟୀ, ଏଭିବିଡ଼ି ପକ୍ଷରୁ ଇଟି ରାଓ, ଜାମୁଲା ସୁରେଶ, ଇ. ରାଜା ସୁରେଶ, ସନ୍ତୋଷ ଘୋଷ, ଇ.ଜଗଦୀଶ, ନନ୍ଦେଶୁ ସେନାପତି, ଭେଙ୍କଟ୍ ରତ୍ନ ରାଜୁ, ପୂଜା କମିଟି ପକ୍ଷରୁ ଜଗା ସାହୁ, ମୃତ୍ୟୁଞ୍ଜୟ ସାବତ, ସୋନୁ ସାବତ, ସୁଦାମ ସାହୁ, ନୀଳାମ୍ବର ସାହୁ, ଶୁଭମ୍ ସାହୁ ଏବଂ ଅଜୟ ସାବତ ପ୍ରମୁଖ ପରିଚାଳନା କରିଥିଲେ । ପୂଜା ଅବସରରେ ରକ୍ତଦାନ ଭଳି ଏକ ମହତ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

### ■ ଉଦ୍‌ଘାଟନ ପରଠୁ ହାଇବ୍ରିଡ୍ ଟଏଲେଟରେ ତାଲା

# ବିଏମ୍‌ସି ପକ୍ଷରୁ ପରିଚାଳନା ସଂସ୍ଥାକୁ ଶୋ-କଜ୍ ନୋଟିସ

**ବ୍ରହ୍ମପୁର ଅଫିସ,୧୮।୯**




ସିଟି ହସପିଟାଲ ନିକଟରେ ଥିବା ହାଇବ୍ରିଡ ଟଏଲେଟରେ ମଙ୍ଗଳବାର ତାଲା ଝୁଲୁଛି ।

■ଉଦ୍‌ଘାଟନ ପରେ ମଧ ଠିକ ଭାବେ କାର୍ଯ୍ୟକାରୀ ହେଉନି ।

■ପ୍ରତ୍ୟେକ ଶିଶୁ ଓ ଶାରୀରିକ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ଓ ୟୁରିନାଲ ନିର୍ମାଣ

ବ୍ରହ୍ମପୁରକୁ ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବା ନେଇ ମେ ୧୩ ମାତୃ ଦିବସରୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବାହ୍ୟ ମଳମୁକ୍ତ ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଦୀର୍ଘ ୪ମାସ ମଧ୍ୟରେ ସହରର ପ୍ରତ୍ୟେକ ବସ୍ତିଅଞ୍ଚଳ ସମେତ ସମସ୍ତ ଅଞ୍ଚଳରେ ଆବଶ୍ୟକ ମୁତାବକ ହାଇବ୍ରିଡ ଟଏଲେଟ, ମିନି ହାଇବ୍ରିଡ ଟଏଲେଟ, କମ୍ୟୁନିଟି ଟଏଲେଟ, ପବ୍ଲିକ ଟଏଲେଟ ନିର୍ମାଣ ହୋଇଛି । କିନ୍ତୁ ସେଥିମଧ୍ୟରୁ ଅତ୍ୟାଧୁନିକ କୌଶଳରେ ନିର୍ମିତ ହୋଇଥିବା ହାଇବ୍ରିଡ ଟଏଲେଟଗୁଡିକ ଉଦ୍‌ଘାଟନ ପରେ ମଧ ଠିକ ଭାବେ କାର୍ଯ୍ୟକାରୀ ହେଉନ ଥିବା ଅଭିଯୋଗ ହୋଇଛି । ଏହାର ପରିଚାଳନା ଦାୟିତ୍ୱରେ ସୁଲଭ ଟଏଲେଟ ଗୁଡିକର ପରିଚାଳନା ଠିକ୍ ଭାବେ କରୁ ନ ଥିବା ବେଳେ ଅନେକ ଟଏଲେଟରେ ଉଦ୍‌ଘାଟନ ପରଠାରୁ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଫଳରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଅତ୍ୟାଧୁନିକ ଟଏଲେଟ ବନ୍ଦ ରହୁଥିବା ନେଇ ଅଭିଯୋଗ ପରେ ମଙ୍ଗଳବାର ସୁଲଭକୁ ବିଏମ୍‌ସି ପକ୍ଷରୁ ଶୋ-କଜ୍ ନୋଟିସ ଜାରି କରାଯାଇଥିବା ଜଣାପଡିଛି।

ସହରର ଛୋଟ ଶିଶୁ, ଶାରୀରିକ ଦିବ୍ୟାଙ୍ଗ ତଥା ସହର ଓ ସହରବାହାରୁ ଆସୁଥିବା ବ୍ୟବସାୟୀ, ପର୍ଯ୍ୟଟକଙ୍କ ପାଇଁ ନିଗମ ପକ୍ଷରୁ ବିଭିନ୍ନ ମାର୍କେଟ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ୧୪ ହାଇବ୍ରିଡ ଟଏଲେଟ ନିର୍ମାଣ ପାଇଁ ପ୍ରସ୍ତାବ ରହିଥଲା । ସେଥିମଧ୍ୟରୁ ୨୦୧୬-୧୭ରେ ପ୍ରଥମ ପର୍ଯ୍ୟାୟରେ ୭ ଏବଂ ୨୦୧୭-୧୮ ଆର୍ଥିକବର୍ଷରେ ୬ ଟଏଲେଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରତ୍ୟେକରେ ଶିଶୁ ଓ ଶାରୀରିକ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ଟଏଲେଟ ଓ ୟୁରିନାଲ ନିର୍ମାଣ କରାଯାଇଥିଲା । ୧୪ ଟି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩ ହାଇବ୍ରିଡ୍ ଟଏଲେଟର ଉଦ୍‌ଘାଟନ ସରିଛି । ଏହାର ପରିଚାଳନା ଦାୟିତ୍ୱ ସୁଲଭକୁ ପ୍ରଦାନ କରାଯାଇଛି ।

ଉଦ୍‌ଘାଟନର ଦୀର୍ଘ ମାସ ପରେ ମଧ ବହୁ ସ୍ଥାନରେ ଟଏଲେଟଗୁଡିକ ଠିକ ଭାବେ ଖୋଲାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ସିଟି ହସ୍‌ପିଟାଲ, ଆସ୍କାରୋଡସ୍ଥିତ ମିନିବସ ଟର୍ମିନାଲ, ପାଏଲହଲ ନିକଟରେ ଥିବା ଟଏଲେଟ୍ ପ୍ରଭୃତିରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି । ଏହି ଟଏଲେଟ ଗୁଡିକ ନିର୍ଦ୍ଧାରିତ ସମୟରେ ଖୋଲାଯାଉ ନ ଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଗୋଟିଏ ପାର୍ଶ୍ୱରେ ସହରକୁ ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବା ନେଇ ବିଏମ୍‌ସି ପକ୍ଷରୁ ଶୌଚାଳୟ ନିର୍ମାଣ କାର୍ଯ୍ୟ ଜୋରଦାର କରାଯାଉଛି।

ସହରର ପ୍ରତ୍ୟେକ ଘରେ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ ସହ କମ୍ୟୁନିଟି ଓ ପବ୍ଲିକ ଟଏଲେଟ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଉଛି । ନଭେମ୍ବର ୧୪ ସୁଦ୍ଧା ବାହ୍ୟ ମଳମୁକ୍ତ ସହରରେ ପରିଣତ କରିବାକୁ ଲକ୍ଷ୍ୟ ମଧ୍ୟ ରଖାଯାଇଛି । ଅପରପାର୍ଶ୍ୱରେ ଉଦ୍‌ଘାଟନର ଦୀର୍ଘ ମାସ ପରେ ମଧ ହାଇବ୍ରିଡ ଟଏଲେଟଗୁଡିକ କାର୍ଯ୍ୟକ୍ଷମ ହୋଇପାରିନାହିଁ । ଯାହା ସହରକୁ ବାହ୍ୟମଳ ମୁକ୍ତ ସହରରେ ପରିଣତ କରିବା ସ୍ୱପ୍ନ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଏନେଇ ବିଏମ୍‌ସି ପକ୍ଷରୁ ସୁଭଭକୁ ଶୋ-କଜ୍ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ତେବେ ଏନେଇ ସୁଲଭ ବ୍ରହ୍ମପୁର ଇନଚାର୍ଜ ଅର୍ଜୁନ ପାଣ୍ଡେଙ୍କୁ ପଚରାଯିବାରୁ, ବର୍ତ୍ତମାନ କେବଳ ପାଏଲ ହଲ ଓ ମିନିବସ ଟର୍ମିନାଲ ନିକଟରେ ଥିବା ହାଇବ୍ରିଡ ଟଏଲେଟ ବନ୍ଦ ହୋଇ ରହିଛି । ପାଏଲ ହଲ ନିକଟରେ ଥିବା ହାଇବ୍ରିଡ ଟଏଲେଟ ପାଣି ସମସ୍ୟା ଯୋଗୁ ବନ୍ଦ ରହିଥିବା ବେଳେ ମିନିବସ ଟର୍ମିନାଲ ଆଗରେ ତହସିଲ ଅଫିସର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଟଏଲେଟ ମଧ୍ୟକୁ ଯାତାୟାତ ରାସ୍ତା ବନ୍ଦ ହୋଇଯାଇଛି, ଫଳରେ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଏହି ଦୁଇଟି ବ୍ୟତୀତ ସମସ୍ତ ଟଏଲେଟ ପରିଚାଳିତ ହେଉଥିବା ପାଣ୍ଡେ ସଫେଇ ଦେଇଛନ୍ତି ।

## ସାପ କାମୁଡ଼ାରେ ଶିଶୁ ମୃତ

**ବ୍ରହ୍ମପୁର ଅଫିସ୍,୧୮।୯**

ବିଷାକ୍ତ ସାପ କାମୁଡାରେ ଜଣେ ଶିଶୁର ମୃତ୍ୟୁ ଘଟିଛି। ଅଲାରିଗଡ ଗ୍ରାମରେ । ମୃତ ଶିଶୁ ପୁତ୍ର ହେଲେ ବ୍ରହ୍ମପୁର ସଦର ଥାନା ବ୍ରହ୍ମାପଲ୍ଲୀ ବାସିନ୍ଦା ହୃଷୀକେଶ ବ୍ରହ୍ମାଙ୍କ ପୁତ୍ର ସୁନା । ସୁନା ଜନ୍ମ ହେବାଠାରୁ ମାଙ୍କ ସହିତ ଅଜାଘର ଅଲାରିଗଡ ଗ୍ରାମରେ ରହି ଆସୁଥିଲେ । ସୋମବାର ସକାଳେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ସୁନାଙ୍କୁ କାମୁଡି ଥିଲା । ପରିବାର ଲୋକେ ତାଙ୍କୁ ବଡ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି।

## ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ୍,୧୮।୯**

ଦୁର୍ଘଟଣାର ଶିକାର ହୋଇ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରାୟଗଡା ଜିଲା ଅମ୍ବାଦଳା ଗ୍ରାମର ରମେଶ ବାଗ୍(୪୦)ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୬୩/୧୮ରେ ଏକ ମାମଲା ରୁଜୁ କରାଯାଇଛି । ଅଗଷ୍ଟ ୨୦ ତାରିଖରେ ରାୟଗଡା ଜିଲା ଅମ୍ବାଦଳା ଗ୍ରାମ ନିକଟରେ ଏକ ସଡକ ଦୁର୍ଘଟଣାରେ ରମେଶ ଗୁରୁତର ହୋଇଥିଲେ ।

## ଜିଲା ସ୍କୁଲ ସମୂହ କବାଡ଼ି, ଖୋ-ଖୋ ପ୍ରତିଯୋଗିତା




ବିଭିନ୍ନ ବ୍ଲକରୁ ଆସିଥିବା ଖେଳାଳିମାନେ ।

**ବ୍ରହ୍ମପୁର ଅଫିସ୍,୧୮।୯**

ଗଞ୍ଜାମ ଜିଲା ସ୍କୁଲ ସମୂହ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତା ମଙ୍ଗଳବାର ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ଡ. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦୁଇ ଦିନିଆ ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ । ମୁଖ୍ୟଅତିଥି ଭାବେ ରାଜ୍ୟ ମାଧ୍ୟମିକ ଶିକ୍ଷା ଅଭିଯାନର ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଡ. ଚିତ୍ରସେନ ପଶାୟତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ସମ୍ମାନିତ ଅତିଥି ଭାବେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର, କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍.ଗିରିଧର, ନ୍ୟାଶନାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ନିରୀକ୍ଷକ ଦୀନବନ୍ଧୁ ପାତ୍ର, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ, ବ୍ରହ୍ମପୁର ଷ୍ଟାଡିୟମ୍ ଇନ୍‌ଚାର୍ଜ ସଚ୍ଚିନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ। ଡ଼ଉଗାଁ ବାସୁଦେବ ହାଇସ୍କୁଲ ପ୍ରଧାନ ଶିକ୍ଷକ ବୃଷକେତୁ ଦାସ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ, ପ୍ରକାଶ ଚନ୍ଦ୍ର ପଣ୍ଡା ଓ କେଦାର ସାହୁ ପରିଚାଳନା କରିଥିଲେ । ଭିଭି ଗିରି ବାଳିକା ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ।

## ମିଳିତ ମଞ୍ଚର ଶୋଭାଯାତ୍ରା

**ବୁଗୁଡ଼ା,୧୮।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକଗ୍ରାଣ୍ଟ ସ୍କୁଲ ଓ କଲେଜ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପୂର୍ଣ୍ଣ ଅନୁଦାନ ଦାବିରେ ମଙ୍ଗଳବାର ପଞ୍ଚାୟତସ୍ତରୀୟ ପ୍ରତିବାଦ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମିଳିତ ମଞ୍ଚର ଆହ୍ୱାନକ୍ରମେ ବୁଗୁଡ଼ା ବ୍ଲକ ମିଳିତ ମଞ୍ଚ ପକ୍ଷରୁ ବୁଗୁଡ଼ା ବ୍ଲକର ବିରଞ୍ଚିପୁରରୁ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ରାଜ୍ୟ ସରକାରଙ୍କ ଉଦାସୀନତା ଓ ଶିକ୍ଷକ ବିରୋଧୀ ମନୋବୃତ୍ତିରୁ କିପରି ସ୍କୁଲ କଲେଜ ବନ୍ଦ ହୋଇ ଛାତ୍ରୀଛାତ୍ରଙ୍କ ପାଠପଢ଼ା ନଷ୍ଟ ହେଉଥିବା ନେଇ ଅଭିଭାବକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ପ୍ରତିବାଦ ଓ ଶୋଭାଯାତ୍ରାରେ ବିଜୟ ଚନ୍ଦ୍ର ମହାରଣା, ବିଭୂତି ଭୂଷଣ ମିଶ୍ର, ଚନ୍ଦ୍ରଶେଖର ସାହୁ, ବି. ପ୍ରକାଶ ଚନ୍ଦ୍ର ପାତ୍ର, ଅନୁପ କୁମାର ପଣ୍ଡା, ମୃତ୍ୟୁଞ୍ଜୟ ହୋତା, ପ୍ରଭଞ୍ଜନ ମୁନି, ଅକ୍ଷୟ କୁମାର ସାହୁ, ସରୋଜ କାନ୍ତ ଦାଶ, ବସନ୍ତ କୁମାର ସାହୁ, ଲୋକନାଥ ମିଶ୍ର, କାହ୍ନୁ ଚରଣ ସ୍ୱାଇଁ, ତପନ କୁମାର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟାଳୟକୁ ପୋଷ୍ୟରେ ନେଲା ଜେସିଆଇ

**ବ୍ରହ୍ମପୁର ଅଫିସ,୧୮।୯**

ବ୍ରହ୍ମପୁର ଜେସିଆଇ ଲେଡିସ୍ କ୍ଲବ ତରଫରୁ ନୂଆ ଖଜୁରିଆ ବ୍ଲକ ଗ୍ରାଣ୍ଟ ଏମ୍‌ଇ ସ୍କୁଲକୁ ସୋମବାର ପୋଷ୍ୟ ଭାବେ ଗ୍ରହଣ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଏବଂ କ୍ଲବ ସଭାନେତ୍ରୀ ଜେ.ହରିପ୍ରିୟାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା । କ୍ଲବ ଉପଦେଷ୍ଟା ଏର୍.ପି. ମଲାନ୍ ଉପସ୍ଥିତ ଥିଲେ । ପ୍ରଥମ ପର୍ଯ୍ୟାୟରେ ବିଦ୍ୟାଳୟର ଛାତ ନିର୍ମାଣ କରାଯିବ। ଏହା ବର୍ତ୍ତମାନ ବିପର୍ଯ୍ୟସ୍ତ ଏବଂ ବିପଦପୂର୍ଣ୍ଣ ସ୍ଥିତିରେ ରହିଛି । ଏଥି ସହ ଆଗାମୀ ଦିନରେ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଏବଂ ଛାତ୍ରୀଛାତ୍ରଙ୍କ ପ୍ରତିଭା ବିକାଶ ପାଇଁ ତାଲିମ୍ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ । ଏହି ଅବସରରେ ସମ୍ପାଦିକା ଜେ.ସୁଖମାୟା, ରୁପା ଗୁପ୍ତା, କେ.କୁସୁମ, ଏମ୍.ଅନୁରାଧା, ଏସ୍.ସ୍ୱପ୍ନା, ଇ. ରୋଜାରାଣୀ, ପି.ନମିତା ପାତ୍ର, ପି. ରୋଜାଲିନ୍, ଭି.ଲିନା ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ୱେତଚନ୍ଦ୍ର, ସରପଞ୍ଚ ବିଶ୍ୱମ୍ଭର ସାସମଲ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ ।



ବିଦ୍ୟାଳୟ ଏବଂ କ୍ଲବ ମଧ୍ୟରେ ହୋଇଥିବା ଚୁକ୍ତିକୁ ପ୍ରଦର୍ଶନ କରାଯାଉଛି।

## ଡିଏଲ୍‌ଏସ୍‌ଏ ପକ୍ଷରୁ ଅଣସଂଗଠିତ ଶ୍ରମିକଙ୍କୁ କାର୍ଡ ବଣ୍ଟନ

**ବ୍ରହ୍ମପୁର ଅଫିସ୍/ଦିଗପହଣ୍ଡି (ଡି.ଏନ.ଏ.)୧୮।୯**

ଗଞ୍ଜାମ ଜିଲା ଆଇନସେବା ପ୍ରାଧିକରଣ (ଡିଏଲଏସ୍‌ଏ) ଆନୁକୂଲ୍ୟରେ ଦିଗପହଣ୍ଡି ବ୍ଲକ ଖମ୍ବାରୀଗାଁରେ ଅଣ ସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଜିଲା ଶ୍ରମ ଅଧିକାରୀ ବାବୁ ପାତ୍ର, ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, କେ.ନୂଆଗାଁ ଆଇଆଇସି ସୁଜିତ କୁମାର ନାୟକ, ପିଏ ପି.ତାରିଣୀ ରାଓ ଏବଂ ସରପଞ୍ଚ କେ.ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଣ ସଂଗଠିତ ଶ୍ରମିକମାନଙ୍କ ନିମନ୍ତେ ବିଭିନ୍ନ ଆଇନଗତ ସହାୟତା ଏବଂ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ପଞ୍ଚାୟତର ୧୦୦ ଜଣ ହିତାଧିକାରୀଙ୍କୁ ପଞ୍ଜୀକୃତ କାର୍ଡ ପ୍ରାଧିକରଣ କମିଟି ସଚିବ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଲଭି ସଂଗ୍ରାମ କୁମାର ପ୍ରଧାନ, ଚିତ୍ରସେନ ଗୌଡ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।




ଖମ୍ବାରୀଗାଁରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ନାଟକ ମଞ୍ଚସ୍ଥ

**ପୋଲସରା,୧୮।୯(ଡି.ଏନ.ଏ.)**

ପୋଲସରା ବ୍ଲକ ମନଶିଳା ଗ୍ରାମରେ ସୋମବାର ରାତିରେ ଗଣେଶ ପୂଜା ଅବସରରେ ବାବା ନୀଳକଣ୍ଠେଶ୍ୱର ନାଟ୍ୟକଳା ସଂସଦ ପକ୍ଷରୁ ସାମାଜିକ ନାଟକ 'ସୁଖ କିଣା ଏଠି ଦୁଃଖ ମାଗଣା' ମଞ୍ଚସ୍ଥ ହୋଇଯାଇଛି। ନାଟକକୁ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ କଳାକାରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧ୍ୟକ୍ଷ ସଂଯୁକ୍ତା ବାଡ଼ତ୍ୟା, ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

## ନାରୀ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୧୮।୯**

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ଆନୁକୂଲ୍ୟରେ ସେପ୍ଟେମ୍ବର ୬ରୁ ଆରମ୍ଭ ହୋଇ ୧୨ ଦିନ ଧରି ଚାଲିଥିବା ନାରୀ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଞ୍ଚଳିକ କାର୍ଯ୍ୟାଳୟର ଉପସଚିବ ଡ. କୁଳମଣି ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆଜିର ପରିବର୍ତ୍ତିତ ସମାଜରେ ନାରୀ ସୁରକ୍ଷା ଓ ନାରୀ ସଶକ୍ତୀକରଣର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଡ. ଓଝା ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟ ତଥା ମହାବିଦ୍ୟାଳୟ ଛାତ୍ରୀମାନେ ନିଜକୁ ସୁଦୃଢ କରିବା ସହ ସମାଜରେ ଦେଖାଯାଉଥିବା ନୀତିବାଚକ ଦୃଷ୍ଟିଭଙ୍ଗୀକୁ ପ୍ରତିହତ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ. ସ୍ୱର୍ଣ୍ଣପ୍ରଭା ମହାପାତ୍ର ଅଧକ୍ଷତା କରିଥିବା ବେଳେ ସଂଯୋଜିକା ଡ. ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ । ୧୨ ଦିନ ବ୍ୟାପୀ ଅନୁଷ୍ଠିତ ଶିବିରରେ ୫ଜଣ ତାଲିମ ପ୍ରାପ୍ତ ପ୍ରଶିକ୍ଷିକା ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏଥିରେ ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଶାରୀରିକ ଆତ୍ମରକ୍ଷା କୌଶଳ ଶିକ୍ଷାଲାଭ କରିଥିଲେ । ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର

**ବ୍ରହ୍ମପୁର ଅଫିସ,୧୮।୯**

ଦକ୍ଷିଣାଞ୍ଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ମାସିକ ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ଶ୍ରୀପଲ୍ଲବଙ୍କ ସଭାପତିତ୍ୱରେ ଆୟୋଜିତ ଆସରକୁ ବ୍ରହ୍ମପୁର ପଲିଟେକ୍‌ନିକ ଅଧକ୍ଷ ଜି. ଚତୁର୍ଭୁଜ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ନଳିନୀକାନ୍ତ ଗୌଡ ପ୍ରାକ ସୂଚନା ପ୍ରଦାନ କରିଥିବା ବେଳେ ପଦ୍ମିନୀ ମିଶ୍ର ଏହାକୁ ସଂଯୋଜନା କରିଥିଲେ । ଗୁରା ରାମନାରାୟଣ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ଡ. ବନମାଳୀ ପାଣିଗ୍ରାହୀ କବିତାଗୁଡିକର ସମୀକ୍ଷା କରିଥିଲେ । ଡ. କୁଳମଣି ଓଝା, ଦିଲୀପ କୁମାର ଚୌଧୁରୀ, ସୁଦାମ ପାଣିଗ୍ରାହୀ, କପିଳ ଚନ୍ଦ୍ର ମହାନ୍ତି, ଡି. ସତ୍ୟମ ଆଚାରୀ, ଅରୁଣ ମୋହନ ପାତ୍ର, ପୀତାମ୍ବର ସାହୁ, ମନ୍ମଥ ପାଢୀ, ଶାଶ୍ୱତ ମିଶ୍ର ଓ ମନୋଜ କୁମାର ପାଢୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଦିଲୀପ କୁମାର ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

# ଜିପିସିଡିଏର ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ,୧୮।୯**

ଗଞ୍ଜାମ-ଫୁଲବାଣୀ କେମିଷ୍ଟି ଏଣ୍ଡ ଡ୍ରଗିଷ୍ଟସ୍ ଆସୋସିଏଶନ(ଜିପିସିଡିଏ)ର ସାଧାରଣ ବୈଠକ ସୋମନାଥ ନଗରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର କେତେକ ସଦସ୍ୟଙ୍କ ସିପିଂ ଲାଇସେନ୍ସ ତ୍ରୁଟିକୁ ସୁଧାରିବାକୁ କହିଥିଲେ । ସମସ୍ତ ସଦସ୍ୟଙ୍କୁ ଔଷଧୀୟ ଚାରା ରୋପଣ ନେଇ ମହାରଣା ପରାମର୍ଶ ଦେଇଥିଲେ। ଡ୍ରଗସ ଡିପାର୍ଟମେଣ୍ଟର ମନମୁଖି କାର୍ଯ୍ୟକୁ କର୍ମକର୍ତ୍ତାମାନେ ବିରୋଧ କରିବା ସହ ଡିପାର୍ଟମେଣ୍ଟ ପକ୍ଷରୁ ପ୍ରେସ୍କ୍ରିପସନ ବିନା ଔଷଧ ବିକ୍ରୟ କରା ନ ଯିବା ନେଇ ରହିଥିବା ନିୟମକୁ ଉଠାଇବାକୁ ଦାବି କରିଥିଲେ । ବିଧାୟକ ସଂଘ ପକ୍ଷରୁ କରାଯାଇଥିବା ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରି ପ୍ରେସ୍କ୍ରିପସନ ବିନା ଔଷଧ ବିକ୍ରୟ ନ କରିବା ନିୟମକୁ ଯଥାଶୀଘ୍ର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମହୁଡାସ୍ଥିତ ଫାର୍ମାସୀ କଲେଜର ଟଙ୍କାକୁ ଅପବ୍ୟବହାର କରି ସଂଘର କେତେକ ସଭ୍ୟ ତିରୁପତି ଭ୍ରମଣରେ ଯିବା ଘଟଣାକୁ ସଂଘ ପକ୍ଷରୁ ନିନ୍ଦା କରାଯାଇଥିଲା । ଜିପିସିଡିଏର ବାଇ-ଲ ଅନୁଯାୟୀ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସରୋଜ କୁମାର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଏସ. ରଞ୍ଜିତ କୁମାର ପାତ୍ର ସାଧାରଣ ସମ୍ପାଦକ ଓ ତ୍ରିପତି ବାଲାଜୀ ପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ ।




ବୈଠକରେ ମଞ୍ଚାସୀନ ବିଧାୟକ ଓ ଅନ୍ୟମାନେ।